ଓଡିଶାର ପ୍ରଥମ ସଂପୂର୍ଣ୍ଣ ନିଜସ୍ୱ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମାତୃଭାଷା ଓ ମାତୃଭୂମିର ସକାଳ ପ୍ରହରୀ

Volume 1, Issue: 8
September, 2006

## ଏହି ସଂସ୍କରଣରେ ରହିଛି:


| | |
|---|---|
| ସଂପାଦକୀୟ | ୨ |
| ପୁଣି ସେହି ବର୍ଷା | ୩ |
| ବନ୍ୟା ଚିତ୍ର | ୪ |
| ଅନ୍ୟର ଆଖିରେ ଦେଖୁଥିବା ମଣିଷ | ୫ |
| କ୍ୟାରମ୍ | ୬ |
| ଅସମର୍ଥ | ୬ |
| କୁକୁର | ୭ |
| ଦୁର୍ଘଟଣା | ୭ |
| କେବିକେ ପରିକ୍ରମା | ୯ |
| ନୁଆ କିରଣ | ୧୦ |
| ଶ୍ରୀ ଗଣେଶ ମ୍ୟାଜିକ୍ | ୧୨ |
| କବିତା ବିଭାଗ | ୧୮ |
| କଥାବାର୍ତ୍ତା | ୨୦ |
| ଆମ ଚୁଲିରେ ଚିଲି ଚାଉମିନ୍ | ୨୨ |
| ଖେଳ ରାଇଜରେ ଓଡିଆଣୀ | ୨୫ |
| ନ୍ୟୁୟର୍କରେ ଓଡିଆ | ୨୭ |
| ବୁଢିଆରେ ବୁଢିଆ | ୨୭ |
| ତୁମେ ଆସନ୍ତ କି? | ୨୮ |
| ଓଡିଆ ସିନେମା ହାଲ୍‌ଚାଲ୍ | ୨୮ |
| ବିଶେଷ ସୂଚନା | ୩୦ |


E-Mail: dr.odia@gmail.com
Web site: http://www.freewebs.com/aahwaan

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଆମ୍ବପୁଆ ମେଇନ୍ ରୋଡ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

# ଆହ୍ୱାନ

Volume 1, Issue 8,
September, 2006


## ସଂପାଦକୀୟ

ବନ୍ୟାର ବିଭିଷିକା ସମଗ୍ର ରାଜ୍ୟକୁ ଦୁଃଖର ସ୍ରୋତରେ ଭସାଇ ନେଇଛି। ପ୍ରାୟ ପ୍ରତ୍ୟେକ ଦିନ ବର୍ଷା ଓ ବନ୍ୟା ଯୋଗୁଁ କିଛି ନା କିଛି ଦୁଃସମ୍ବାଦ ରାଜ୍ୟରେ ଆତଙ୍କ ଖେଳାଇ ଦେଇଛି। ଏହି ମାସରେ ଥିବା ବହୁ ପ୍ରତିକ୍ଷିତ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ଓଡିଶା ଉପକୁଳରେ ଉଠିଥିବା ଲଘୁଚାପର ପ୍ରଭାବରେ ନିରର୍ଥକ ହୋଇ ପଡିଥିଲା। ଗସ୍ତ କାର୍ଯ୍ୟକ୍ରମକୁ ଅଧପନ୍ତରିଆ ଭାବେ ଛାଡି ଫେରିଯାଇଥିଲେ ଡ ମନମୋହନ ସିଂ। ଯଦ୍ୟପି ଏହି ଗସ୍ତ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ଦିଲ୍ଲୀସ୍ଥିତ ଏକ ଉଚ୍ଚ ସଂସ୍ଥାନ ଦ୍ୱାରା ଓଡିଶାର କେବିକେ ଜିଲ୍ଲା ସମୂହରେ ହୋଇଥିବା ସର୍ଭେ ସମାପ୍ତ ହୋଇ ସମସ୍ତଙ୍କୁ ଚମତ୍କୃତ କରିଦେଲା ଭଳି ତଥ୍ୟ ଉପସ୍ଥାପନ ହୋଇଥିଲା। ସର୍ବୋପରି କେବିକେ ଜିଲ୍ଲା ମାନଙ୍କରେ ସରକାରୀ ପ୍ରାପ୍ତ ସୁତ୍ରରୁ ଉଦ୍ଧୃତ ତଥ୍ୟ ସଂପୂର୍ଣ୍ଣ ରୂପେ କାଳ୍ପନିକ ବୋଲି ଦର୍ଶାଯାଇଥିଲା। ଅନେକନ୍ତୁ, ଏହି କାର୍ଯ୍ୟକ୍ରମର କୌଣସି ସୁଫଳ ମିଳିଥିବା ଦେଖାଯାଇ ନାହିଁ ବୋଲି ସର୍ଭେରେ ଦର୍ଶାଯାଇଛି। ଯାହା ବି ହେଉ ଆମେ ଜାଣିଛୁ କେତେ ଉନ୍ନତି ହେଉଛି, କେବିକେ ଜନତା ଦୁଃଖରେ ଥାଆନ୍ତୁ ପଛେ ସରକାରୀ ମନ୍ତ୍ରୀ ଯନ୍ତ୍ରୀ କିନ୍ତୁ ଖୁଶ୍। ସଭିଏଁ ବହୁତଳ ପ୍ରାସାଦ ମାନ ନିର୍ମାଣ କରିସାରିଥିବା ସମସ୍ତେ ଜାଣନ୍ତି। ସରକାରୀ ଅମଲାତନ୍ତ୍ରକୁ ଯେତେ ପାରଦର୍ଶୀ କରିବା ପାଇଁ ଚେଷ୍ଟା କଲେ ବି ଲୋକଙ୍କ ପାଖରେ ସୁବିଧା ପହଞ୍ଚାଇ ପାରିବାରେ ଉଭୟ ସରକାର ଓ ଅମଲାତନ୍ତ୍ର ଅସମର୍ଥ ହୋଇଛନ୍ତି।

ଚଳିତ ମାସ ଓ ଅଗଷ୍ଟ ମାସରେ ଓଡିଶା ଉପକୁଳ ବାଲେଶ୍ୱର ଠାରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଓଡିଶାରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ହୋଇ ପଡିଛି। ତେଣେ ଛତିଶଗଡରେ ଲଗାତାର ବର୍ଷା ଫଳରେ ମହାନଦୀ ଉପର ମୁଣ୍ଡରୁ ପାଣି ବଢିବା ଦ୍ୱାରା ଓଡିଶାରେ ବନ୍ୟା ଅବସ୍ୟମ୍ଭାବୀ ହୋଇ ପଡିଛି। କେନ୍ଦ୍ରାପଡା ସହର ସମେତ ଓଡିଶାର ଅନେକ ସ୍ଥାନ ଜଳ ମଗ୍ନ ହୋଇ ପଡିବାଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ସରକାରୀ ସହାୟତା ଯୋଗାଇବା ପାଇଁ ବାରଂବାର ପ୍ରତିଶ୍ରୁତି ଦେଉଥିବା ସତ୍ତ୍ୱେ ସଦ୍ୟ ପ୍ରାପ୍ତ ଖବର ଅନୁଯାୟୀ ପଲିଥିନ ଅଭାବ ଯୋଗୁଁ ବନ୍ୟା ପ୍ରପୀଡିତ ମାନଙ୍କୁ ସୁବିଧା ଯୋଗାଇଦେବା ଅସମ୍ଭବ ହୋଇ ପଡିଛି।

ଓଡିଶା ସରକାରରେ ଥିବା ପୁର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟା ନନ୍ଦିନୀ ଶତପଥୀଙ୍କ ବିୟୋଗରେ ଓଡିଶାର ପ୍ରମୁଖ ସହର ସମେତ ସମଗ୍ର ରାଜ୍ୟର ପୁରପଲ୍ଲୀରେ ଶୋକସଭା ମାନ ଅନୁଷ୍ଠିତ କରାଯାଇ ଦିବଂଗତ ନେତ୍ରୀଙ୍କ ସ୍ମୃତିକୁ ଶ୍ରଦ୍ଧାଞ୍ଜଳୀ ଦିଆଯାଉଛି। ସଂପ୍ରତି ଖବର ଅନୁସାରେ ବିଗତ ଦୁଇଦିନ ଧରି ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଆଘାତରେ ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ୍‌ର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ସ୍କୁଲ୍‌ରେ ପାଠ ପଢୁଥିବା ସମୟରେ ବିଜୁଳୀ ଆଘାତରେ ଗୁରୁତର ଭାବରେ ଅସୁସ୍ଥ ହୋଇ ପଡିଛନ୍ତି। ସଦ୍ୟ ପ୍ରାପ୍ତ ସୂଚନା ଅନୁଯାୟୀ ପୀଡିତ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ବର୍ତ୍ତମାନ ସମସ୍ତ ଛାତ୍ରଛାତ୍ରୀ ଉଣା ଅଧିକେ ସୁସ୍ଥ ଥିବା ବେଳେ, କେତେକ ଛାତ୍ରୀଙ୍କ ଅବସ୍ଥା ତଥାପି ଉଦ୍‌ବେଗଜନକ ଥିବା ଖବର ମିଳିଛି।

ଆହ୍ୱାନ ଏହି ସଂଖ୍ୟା ସହିତ ଆଠଟି ସଂସ୍କରଣ ପ୍ରକାଶ କରିବାରେ ସମର୍ଥ ହୋଇଥିବାରୁ ମୁଁ ବିଶେଷ ଆନନ୍ଦିତ। କିନ୍ତୁ ଏହାକୁ ଆହୁରି ଲୋକପ୍ରିୟ କରାଇବାକୁ ମୁଁ ଚେଷ୍ଟା କରିବା ସତ୍ତ୍ୱେ ସମସ୍ତଙ୍କ ସହାୟତା ବିନା ଏହା କରିବାରେ ମୁଁ ଅସମର୍ଥ ହେଉଛି। ସେଇଥି ପାଇଁ ଏହି ସଂସ୍କରଣ ପାଇଥିବା ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେ ବର୍ତ୍ତମାନ ଏହି ପୃଷ୍ଠା ପଢୁଛନ୍ତି ଜାଣିସାରିଥିବେ, ଯେ ଏହି ସଂସ୍କରଣ ପରବର୍ତ୍ତୀ ପ୍ରତ୍ୟେକ ସଂସ୍କରଣ ଆପଣ ମାନେ ଆମ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ ସତ କିନ୍ତୁ ଆହ୍ୱାନ ପତ୍ରିକା ପଢିବା ପାଇଁ ଆପଣଙ୍କୁ ଏକ ପାସ୍‌ୱାର୍ଡ୍ ଦେବାକୁ ହେବ ଯାହା ଆପଣ କେବଳ ଆମଠାରୁ ହିଁ ପାଇପାରିବେ। ଏହା ଦ୍ୱାରା ଆହ୍ୱାନର ପ୍ରକୃତ ପାଠକ ସଂଖ୍ୟା ଜାଣିହେବ ତଥା ଏହାକୁ ସୁରକ୍ଷିତ ଆପଣଙ୍କ ନିକଟରେ ପହଞ୍ଚାଇ ହେବ। ଆହ୍ୱାନର ସମସ୍ତ ପାଠକ ପାଠିକା ମାନଙ୍କୁ ନିବେଦନ କରୁଛି, ସେମାନେ ଯଦି ପ୍ରତ୍ୟେକେ ଏହି ପତ୍ରିକା ନିଜର ଯେ କୌଣସି ଦୁଇ କିମ୍ବା ତତୋଧିକ ବନ୍ଧୁ ମାନଙ୍କ ନିକଟକୁ ପ୍ରେରଣ କରନ୍ତି ତାହେଲେ ଏହାର ପ୍ରସାରରେ କୌଣସି ବାଧା ଉପୁଯିବ ନାହିଁ।

ଧନ୍ୟବାଦ


ଆମ ଠିକଣାଃ-
ଡା ଜ୍ୟୋତି ପ୍ରସାଦ ପଟନାୟକ
ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର-୭୬୦୦୧୦, ଓଡିଶା
ଫୋନ୍: ୯୨୩୮୭୮୫୬୯୮
e-Mail:
dr.odia@gmail.com


ଆହ୍ୱାନ୍

# ପୁଣି ସେହି ବର୍ଷା

ମିର୍ଜା ମୁସ୍ତାକ୍ ବେଗ୍

ଆଛା କଥା ହେଲା! ଦିନ ଗଡି ବେଳ ବୁଡିବାକୁ ଆସିଲାଣି, ଇୟେ ଗୋସେଇଖିଆ ବର୍ଷାଟା ଥମିବାର ନାଁ ଧରୁନି। ଘରୁ ଗୋଡ କାଡି ଦେଉନି। ତୁହାକୁ ତୁହା ବରଷି ଚାଲିଛି। ତିନିଦିନ ହେଲା ମଣିଷକୁ ଅକର୍ମଣ୍ୟ କରିଦେଇଛି। ଇୟେ ଆଜି ବି ବୋଧହୁଏ ଛାଡିବନି? ମଣିଷକୁ ଭୋକ ଉପାସରେ ମାରିବ!!!

କିଛି କିଛି ସମୟ ବ୍ୟବଧାନରେ ଏମିତି ଗାରୁ ଗାରୁ ହେଉଛି ସୁବାନ୍ନାଟା ଅଧା ଖୋଲା କବାଟ ପାଖରେ ବସି। ବର୍ଷାର ପ୍ରତ୍ୟେକ ବୁନ୍ଦାକୁ ଯେମିତି ଉପରୁ ତଳେ ପଡିବା ପର୍ଯ୍ୟନ୍ତ ଲକ୍ଷ୍ୟ କରୁଛି। ମନ ଭିତରେ ତା'ର ଭାରି ରାଗ ଏ ବର୍ଷା ଉପରେ କିନ୍ତୁ କିଛି କରିପାରୁନି ସେ। ଚୁପ୍ ହେଇ ବସିବା ଛଡା ତା ପାଖରେ ଆଉ କିଛି ଉପାୟ ବି ନାହିଁ। ଏଇ ବର୍ଷା ତାକୁ କେଉଁଠୁ ଆଣି କେଉଁଠି ପହଞ୍ଚାଇଛି। ମଝିରେ ମଝିରେ ବର୍ଷାକୁ ଦେଖି ଦେଖି ନିଜ୍‌କୁ ସେ ହଜେଇ ଦେଉଛି ତା' ବିଗତ ଦିନର ସ୍ମୃତିରେ।

ସୁବାନ୍ନା ଯେତେବେଳେ ଗାଁରେ ଥିଲା ଏଇ ବର୍ଷାକୁ ସେ ପୂଜା କରୁଥିଲା। ପ୍ରଥମ ବର୍ଷାରେ ପଦାକୁ ବାହାରି ସାଙ୍ଗ ସାଥୀ ମେଳରେ ନାଚୁଥିଲା, ନଡିଆ ମୁଡି ବାରମଜା ଖାଇ ବର୍ଷାର ମଜା ନେଉଥିଲା। ବର୍ଷାରେ ଶୀଘ୍ର କାମ ସାରି ଦୋକାନ ଘର ବାରଣ୍ଡାରେ ବସି ତାସ୍ ଖେଳିବା, ବିଡି ଟାଣିବା ଆଉ ଥଟା ତାମସାରେ ଭୋକ ଶୋଷ ଭୁଲିଯାଉଥିଲା। ବର୍ଷାରାତିରେ ଭାଗବତ ଟୁଙ୍ଗୀରେ ବସି ଡିବିରି ଜାଳି ଭାଗବତ ଶୁଣିବାରେ ଭାରି ଶାନ୍ତି ଲାଗେ ସୁବାନ୍ନା କୁ।

ସୁବାନ୍ନା ଥିଲା ଗାଁର ସବୁଠୁ ଭଲ ଚାଷି। ଜମି ଅଳପ ଥିଲେ ବି ତା' ଜମିରେ ଫସଲ ଖୁବ ଭଲ ହୁଏ। ସେଇଥି ପାଇଁ ଗାଁରେ ସମସ୍ତେ ତାକୁ ବେଶ ମାନନ୍ତି। କହନ୍ତି ସୁବାନ୍ନା ଯେଉଁ ଜମିରେ ହାତ ଦେବ ସୁନା ପାଲଟି ଯିବ। କାହା ଧାନ ଭଲ ହେଉନି ତ କାହା ଧାନ ପୋକ ଲାଗୁଛି କାହା ଗଛ ମରି ଯାଉଛି। କେଉଁ ବିହନ ଭଲ ଆଉ କେଉଁଟା ଖରାପ, କେଉଁ ସମୟରେ ଚାଷରେ ସାର ଦେବ ଆଉ କେତେ ପରିମାଣରେ ଦେବ ତାହା ସୁବାନ୍ନା ସମସ୍ତଙ୍କୁ ବୁଝେଇ ଦିଏ। ହଳ କରିବା, ଧାନ ବୁଣିବା, ସାର ଦେବା, ଧାନରୂଆ ଆଦି ସବୁ ସୁବାନ୍ନାକୁ ଅନୁକରଣ କରି ଗାଁ ଲୋକ କରନ୍ତି। କହନ୍ତି ସୁବାନ୍ନାର ଚାଷବାସ ଉପରେ ଖୁବ ଦକ୍ଷତା ଅଛି। ହେଲେ ସେଇ ବର୍ଷା ତାର କାଳ ହେଲା।

ଦିନେ ନାହିଁ ମାସେ ନାହିଁ କି ବର୍ଷେ ନାହିଁ ଦୁଇ ଦୁଇ ବର୍ଷ ସେ ସଂଗ୍ରାମ କଲା ମରୁଡି ସାଙ୍ଗରେ। ହେଲେ ବର୍ଷା ହେଲାନି। ପରିସ୍ଥିତି ଏମିଁତି ହେଲା ଯେ ଧାନ ତ ଗଲା ଗଲା ସାଙ୍ଗରେ ବିହନ ବି ଗଲା। ତଥାପି ସାହାସ ବାନ୍ଧିଥିଲା ସେ, କାରଣ ମନରେ ଲାଗୁଥିଲା ଯେ ଆସନ୍ତା ସନ ବର୍ଷା ହବ ହିଁ ହବ, ଭଗବାନ ଆଉ ଏତେ ନିଷ୍ଠୁର ତ ନୁହନ୍ତି? ଆମ ଦୁଃଖ ଶୁଣିବେ ନିଶ୍ଚୟ ଆଉ ଦେଖିବ ଆସନ୍ତା ସନ ଆମ ଫାଟିପଡିଥିବା ଜମିରେ ସବୁଜ ଫସଲ ଲହଲହେଇବ। ଏଣେ ପରିସ୍ଥିତି ତାକୁ ବାଧ୍ୟ କରୁଥିଲା, ତା' ଗଚ୍ଛିତ ସମ୍ବଳକୁ ବିନିଯୋଗ କରିବା ପାଇଁ। ଘରର ସବୁ ସାମାନ ଗୋଟିଏ ପରେ ଗୋଟିଏ, ଖାଲି ହୋଇଆସିଲା। ଗାଇ ଛେଳି ଯାହା ଥିଲା ସବୁ ଗଲା। ଘରର କଂସା ଗିନା ପିତଳ ଚଡୁଆ ଇତ୍ୟାଦି ସବୁ ଗଲା ମରୁଡି ମୁହଁକୁ, ତଥାପି ଯେମିତି ତା ଭୋକ ମେଣ୍ଟୁ ନଥିଲା। ମହାକାଳ ମରୁଡି ପଡିଲା, ନ'ଅଙ୍କ ଦୁର୍ଭିକ୍ଷର ପରିସ୍ଥିତି ଆସି ଠିଆ ହେଲା।

ନେତା, ଅଫିସରିଆଙ୍କ ବଡି ଆସୁଥିଲା, ଘଣ୍ଟେ ଦୁଇ ଘଣ୍ଟା ନିଷ୍ଚିହ୍ନ ଗାଁ ଟା ଜନ ମୁଖର ହୋଇପଡୁଥିଲା, କହୁଥିଲେ ଏଇଠି ଗୋଟିଏ ନଦୀ ବନ୍ଧ ହେବ ଯାହା ଦ୍ୱାରା ସବୁ ଚାଷ ଜମିକୁ ପାଣି ମିଳିବ। କିନ୍ତୁ ସେମିତି କିଛି ହେଲାନି।

ତିନିବର୍ଷ ବିତିଗଲା, ପାଣିର ଟୋପାଟିଏ ବି ଆକାଶ ଆଖିରୁ ଝରିଲା ନାହିଁ। ସୁବାନ୍ନାର ମନରେ ଆଉ ପୂର୍ବ ଭଳି ଦମ୍ଭ ନଥିଲା। ଗାଁରୁ ଅଧା ମଣିଷ ଏଇ ଭିତରେ ଭିଟା ମାଟି ଛାଡି ଜମି ଜମା ବିକାବିକି କରି ଚାଲିଯାଇଥିଲେ, ଆଉ ସୁବାନ୍ନା ବା କେମିତି ରହିଥାନ୍ତା, କେତେ ଦିନ ଆଉ ଭୋକ ଉପାସରେ ରଖିଥାନ୍ତା ନିଜର ସ୍ତ୍ରୀ ଆଉ ଦୁଇ ପିଲାକୁ, ସେ ବି ଜମିବାଡି ବିକାବିକି କରି ଆସିଲା ଏଇ ସହରକୁ। ଗାଁ ଲୋକମାନଙ୍କ ଭିଡ ଭିତରେ ସେ ବି ପୁଣି ସହରରେ ଗାଁ ପାଇଲା, ସହର ତଳି ସରକାରୀ ଜମିରେ ତମ୍ବୁପରି ଚାଳିଆଟେ ଟାଣି ତା' ସଂସାର ଆଉଥରେ ଆରମ୍ଭ କଲା। ବଡ ଲୋକଙ୍କ ଦୟାରୁ ରିକ୍ସାଟିଏ ଟାଣି ଚାରିତୁଣ୍ଡକୁ ତୋରାଣି ବ୍ୟବସ୍ଥା କଲା, ଯେ ପୁଣି ସେଇ ନିଅନ୍ତା ବର୍ଷା କାଳ ହେଲାଣି।

ତିନିଦିନ ଧରି ଅନବରତ ବର୍ଷି ଚାଲିଛି ଯେ ତା'କୁ ପୁଣି ଭୋକ ଉପାସରେ ମାରିବାକୁ ବସିଛି। ଏତେ ରଝ ରଝ ବର୍ଷା ଯେ ଘରୁ ବାହାରିଲେ ଦେହ ଖରାପ ହେବ ହିଁ ହେବ। ଆଉ ଔଷଧ ଦୂରେଥାଉ ପିଲାଙ୍କୁ ମୁଠାଏ ଭାତ କେହି ଦେବେନି ଏ ନିଆଁଗିଲା ସହରରେ। ଏଣେ ବର୍ଷା ଯୋଗୁ ଦୁଇ ଦିନ ହେଲା ଘରୁ ବାହାରି ପାରୁନି ସେ। ତଳୁଆ ବସ୍ତି କୁ କିଏ ଦେଖିବ। କବାଟ ପାଖରେ ବସି ସେମିତି ଭାବୁଛି ଦେଖିଲା ଲୋକମାନେ ଦଉଡା ଦଉଡି କରୁଛନ୍ତି, ପଚାଡ଼ି ବୁଝିଲା, କିଏ ଜଣେ କହିଲା ସରକାର ରିଲିଫ୍ ବାଣ୍ଟୁଛନ୍ତି, ଚାଉଳ ମିଳୁଛି। ମୁଣ୍ଡରେ ଜରି ଗୁଡେଇ ସେଇ ବର୍ଷାରେ ଯାଇ ଭିଜି ଭିଜି ବସିଲା, ଖେଳ ପଡିଆରେ, ଲୋକେ କୁହା କୁହି ହେଲେ ମନ୍ତ୍ରୀ ଆସିଲେ ଚାଉଳ ମିଳିବ, କିନ୍ତୁ ଦୁର୍ଭାଗ୍ୟ ଯେତେବେଳେ ଆସିଛି କଣ ଏକାଥରେ ଯିବ? ମନ୍ତ୍ରୀ ଆସିଲେନି କି ଚାଉଳ ବଣ୍ଟା ହେଲାନି, ଖାଲି ଯାହା ବର୍ଷାରେ ତିନ୍ତିବା ସାର ହେଲା।

ପୁଅ ପଚାରିଲା, ''ବୋଉ ଆଜି ବି କଣ ଆମେ ଭୋକରେ ରହିବା?'' ଆଉ ସାନ ଝିଅ ଭୋକରେ କାନ୍ଦିବା ଆରମ୍ଭ କରିଦେଇଥିଲା। ପିଲାଙ୍କ ଭୋକ ଦେଖିପାରିଲାନି ସୁବାନ୍ନା, ରିକ୍ସା ଧରି ବାହାରିପଡିଲା, ଭାବିଲା ଜଣେ ଯାତ୍ରୀ ମିଳି ଗଲେ ବି ମୁଠାଏ ଖାଦ୍ୟ ତ ମିଳିବ ମୋ ପିଲାଙ୍କୁ। କିନ୍ତୁ ସହରରେ ବର୍ଷା ଧନୀଙ୍କ ପାଇଁ ସଉକ ଆଉ ଗରୀବଙ୍କ ପାଇଁ ଭୋକ ନେଇ ଆସିଛି। ରାସ୍ତା ଘାଟ ଶୁନ୍‌ସାନ୍। ରାସ୍ତା ଘାଟ ମାଛ ମାଂସ ତରକାରୀ ଆଉ ଛଣା ଛଣିରେ ବାସିଯାଉଛି, ଘର ଭିତର ମାନଙ୍କରୁ ଟିଭି ଆଉ ଟେପ୍ ରେକର୍ଡର୍‌ର ଶବ୍ଦରେ କଂପିଯାଉଛି କିନ୍ତୁ ରାସ୍ତାରେ ସବାରୀ ନାହିଁ।

ଗାଁ ଛାଡିଲା ପରେ ସୁବାନ୍ନା ସହରରେ ରିକ୍ସା ଚଲାଉଛି ସତ କିନ୍ତୁ କେବେ ବସ୍‌ଷ୍ଟାଣ୍ଡ୍

ଆଡେ ଯାଏନି, କାଳେ କିଏ ଗାଁ ଲୋକ ଦେଖିନେବ, କଣ ଭାବିବ, ଆମ ଗାଁର ଗୌରବ ସୁବାନ୍ନା ସହରରେ ଆସି ଗୋଡି ଖଟୁଛି, ରିକ୍ସା ଚଲଉଛି?? ତା' ଇଜ୍ଜତ ଆଉ କଣ ରହିବ ଗାଁରେ? ଯା'ହେଉ ଆଜି ଭଗବାନଙ୍କ କୃପାରୁ କିଛି ସବାରୀ ମିଳିଗଲେ, ବର୍ଷାରେ ତିନ୍ତି ତିନ୍ତି ସେ କାମ କରୁଥିଲା, କାରନ ତା' ସ୍ତ୍ରୀ ପିଲାଙ୍କ ମୁହଁରେ ଅନ୍ନର ମୁଠାଏ ଦେଇପାରିବ ବୋଲି। ଚାଉଳ, ଡାଲି, ତେଲ, ଲୁଣ ଧରି ଘରକୁ ମୁହାଇଲା।

ଘରେ ତେଣେ ସ୍ତ୍ରୀ ପିଲା ଅନେଇ ବସିଥିବେ ବାପା କିଛି ଖାଇବା ପାଇଁ ଆଣିବେ ନିଶ୍ଚୟ। ତା'କୁ ଦେଖି ସେମାନଙ୍କ ମୁହଁରେ ହସ ଫୁଟି ଉଠିଲା। ତା' ଗାମୁଛା କାନିରେ ବନ୍ଧା ହୋଇଥିବା ଚାଉଳ ଡାଲି ଧରି ସାବିତ୍ରୀ ଧାଇଁଗଲା ଚୁଲି ପାଖକୁ ଆଉ ସୁବାନ୍ନା ପୁଣି ପୋଛିପାଛି ହୋଇ ସେଇ କବାଟ ପାଖରେ ବସିପଡିଲା। ବିଡି ଖଣ୍ଡେ ଲଗେଇ ଟାଣିଲା ବେଳକୁ ପିଲାମାନେ ବାରମ୍ବାର ପଚାରୁଥିଲେ, ହେଲା କି ହେଲାକି? ସୁବାନ୍ନା ହସିଦେଇ କହିଲା, ସେତିକି ରୋଷେଇ ଥାଉ ଗାଳିଦେ ପିଲାଙ୍କୁ ଭୋକ ହେଲାଣି। ସମସ୍ତେ ଏକାଠି ଖାଇବା ପାଇଁ ବସିଗଲେ। ଭାତ ମୁଠାଟିଏ ମୁହଁପାଖକୁ ନେଉ ନେଉ ସୁବାନ୍ନା ଭାବୁଥିଲା, ଏସନ ଗାଁରେ ଭଲ ଚାଷ ହୋଇଥିବ।

---

ଓଡିଶାରେ ବର୍ଷାର ପ୍ରାବଲ୍ୟତା ଯୋଗୁଁ ବାର ଗୋଟି ଜିଲ୍ଲାରେ ବନ୍ୟା ପ୍ରାଦୁର୍ଭାବ ବଢିଯାଇଛି। ସଦ୍ୟ ପ୍ରାପ୍ତ ସୂଚନା ଅନୁଯାୟୀ ଓଡିଶାର କେତୋଟି ଜିଲ୍ଲାରେ ବନ୍ୟା ଯୋଗୁଁ ସାଧାରଣ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। କେନ୍ଦ୍ରାପଡା ଜିଲ୍ଲାର ସଦର ମହକୁମା କେନ୍ଦ୍ରାପଡା ସହରର ତଳିଆ ଅଞ୍ଚଳରେ ଜଳ ପ୍ରବେଶ ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ୧୯୯୯ ମସିହାର ମହାବାତ୍ୟାର ସ୍ମୃତି ତାଜା ହୋଇଯାଇଥିଲା। ବର୍ତ୍ତମାନ ମଧ୍ୟ ଓଡିଶାର ପ୍ରାୟ ବାରଗୋଟି ଜିଲ୍ଲାର ଲକ୍ଷାଧିକ ଜନତା ଜଳ ଘେରି ମଧ୍ୟରେ ଅନିଶ୍ଚିତତା ମଧ୍ୟରେ କାଳ କାଟୁଥିବା ଖବର ମିଳିଛି। ଏଠାରେ ଦିଆ ଯାଇଥିବା କିଛି ଫୋଟୋ ଆମକୁ ପଠାଇଛନ୍ତି ବନ୍ଧୁ ସଞ୍ଜୟ ସାହୁ।



ବନ୍ୟାଦ୍ୱାରା ଅଧିକାଂଶ ରାସ୍ତା ଧୋଇ ହୋଇଯାଇ ଘାଇ ସୃଷ୍ଟି ହୋଇଯାଇଛି।



ବନ୍ୟାଜଳରୁ ରକ୍ଷା ପାଇବା ପାଇଁ ଲୋକମାନେ କଦଳୀ ଗଛକୁ କାଟି ଅସ୍ଥାୟୀ ଡଙ୍ଗା ତିଆରି କରି ବ୍ୟବହାର କରୁଛନ୍ତି।



ବନ୍ୟାଜଳ ନିଷ୍କାସନ ହେବା ପର୍ଯ୍ୟନ୍ତ ନିଜ ଭିଟାମାଟି ଛାଡି ଅନ୍ୟତ୍ର ଯାତ୍ରା କରୁଛନ୍ତି ଅନେକ ପରିବାର।



ବନ୍ୟାଜଳ ଗ୍ରାସ କରିଲା ମୋ ଘର, କାହୁଁ ନେବି ତୋତେ, କୁହ ଗୃହପାଳିତ ପଶୁ ମୋର।



ସରକାରୀ ସହାୟତାରେ ବନ୍ୟା ପ୍ରପୀଡିତ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି।



ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଦୂର ଦୂରପର୍ଯ୍ୟନ୍ତ ପଶୁଟିଏ କିମ୍ବା ପକ୍ଷୀଟିଏ ଦେଖିବା ସ୍ୱପ୍ନ ହୋଇଗଲା। ଅଧିକାଂଶ ପ୍ରାଣୀ ପ୍ରାଣ ବଞ୍ଚାଇ ପଳାଇଗଲେ। ଗାଁ ଗାଁ ନିର୍ଜନ ହୋଇ ପଡିରହିଛି। ଆଉ ଅପେକ୍ଷା କରିଛନ୍ତି ନିରୀହ ଜନତା ବନ୍ୟା ସରିଗଲେ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ।

# ଅନ୍ୟର ଆଖିରେ ଦେଖୁଥିବା ମଣିଷ

ଜଗତ୍‌ସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ତେଲସରା ଗ୍ରାମର ଶିବଚରଣ ବିଶ୍ୱାଳଙ୍କ ଏକ ମାତ୍ର ପୁତ୍ର ସୁରେଶ କୁମାର ବିଶ୍ୱାଳ। ଚାରିଭଉଣୀରେ ଏକମାତ୍ର ପୁଅ ହୋଇଥିଲେ ମଧ୍ୟ ଜନ୍ମରୁ ସେ ତାଙ୍କର ଦୃଷ୍ଟି ଶକ୍ତି ହରାଇ ବସିଥିଲେ। ତେଣୁ ବାପାଙ୍କ ସ୍ୱଳ୍ପ ରୋଜଗାର ମଧ୍ୟରେ ତାଙ୍କୁ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ଛାଡି ଦିଆଯାଇଥିଲା ଶିକ୍ଷା ଗ୍ରହଣ ପାଇଁ। ସେଠାରୁ ସେ ୧୯୮୭ ମସିହାରେ କୃତିତ୍ୱର ସହିତ ଦଶମ ଶ୍ରେଣୀ ପାସ କରିବା ପରେ ବକ୍ସି ଜଗବନ୍ଧୁ କଲେଜ (ବିଜେବି, ଭୁବନେଶ୍ୱର)ରେ ନାମ ଲେଖାଇଥିଲେ ଯୁକ୍ତ ଦୁଇ କଳାରେ। ପାଠ ପଢାରେ ଏକାଗ୍ରତା ଓ ନିଷ୍ଠା ଯୋଗୁଁ ସେ ଗୋଟିଏ ପରେ ଗୋଟିଏ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଚାଲିଥିଲେ କୃତିତ୍ୱ ସହକାରେ। ବିଜେବି କଲେଜରୁ ୧୯୯୨ ମସିହାରେ ସ୍ନାତକ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ବାଣୀବିହାରରେ ଓଡିଆ ବିଭାଗରେ ସ୍ନାତକୋତ୍ତର ମଧ୍ୟ ଉତ୍ତୀର୍ଣ୍ଣ ହେଲେ। କିଛି କରିବାର ଆଶା ଓ ଆକାଂକ୍ଷା ନେଇ ସେ ପୁଣି ଭିଏଚ୍ ଟ୍ରେନିଂ ନେଲେ। ଅର୍ଥର ଆବଶ୍ୟକତା ଓ ପରିବାର ଉପରେ ବୋଝ ନ ହେବା ପାଇଁ ସେ ଭଦ୍ରକ, ପୁରୀ ଓ ଭୁବନେଶ୍ୱର ଆଦି ଦୃଷ୍ଟିହୀନ ବିଦ୍ୟାଳୟରେ ସାମୂହିକ ଶିକ୍ଷକତା କଲେ। ପରେ ଓଡିଶା ସରକାରଙ୍କ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ୨୦୦୫ ମସିହା ଜାନୁଆରୀ ୧୨ ତାରିଖରେ ଶିକ୍ଷା ସହାୟକ ଭାବେ ଗ୍ରାମ ନିକଟସ୍ଥ ଗାରୋଇ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କଲେ।

ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ସମୟରେ ସାବଧାନତା ସହକାରେ ବ୍ରେଲି ଅକ୍ଷରରେ ଲିଖିତ ପାଠ୍ୟପୁସ୍ତକ ସଂଗ୍ରହ କରି



ସେ ୪ର୍ଥରୁ ୭ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟ ପଢାଇବା ସହ ସେମାନଙ୍କ ସହାୟତାରେ ଶ୍ରେଣୀର ଶୃଂଖଳା ରକ୍ଷା କରିବା ସହ, ପାଠ୍ୟ ଖସଡା ଆଦାୟ କରିବା, ପିଲାମାନଙ୍କର ଭୁଲ କୁ ସାଥି ପିଲାଙ୍କ ସହାୟତାରେ ସଂଶୋଧନ କରିବାରେ ସେ ପାରଙ୍ଗମ। ଆଖିନଥାଇ ସେ ପିଲାମାନଙ୍କୁ ଉଚିତ ଶିକ୍ଷାଦାନ ପ୍ରଦାନ କରୁଥିଲେ ମଧ୍ୟ ସାଥୀ ଶିକ୍ଷକ ମାନଙ୍କ ସହାୟତା

ଲୋଡିଥାନ୍ତି । କାରଣ ପିଲାମାନଙ୍କ ଖାତା ମୂଲ୍ୟାୟନ କରିବା ଓ ସଂଶୋଧନ କରିବା ପାଇଁ ଆଖିନଥାଇ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ଆଖିରେ ଶିକ୍ଷାଦାନ କରାଇ ସେ ପରମ ଆତ୍ମତୃପ୍ତି ଲାଭ କରନ୍ତି । ସେ ଏକା ନୁହନ୍ତି ଛାତ୍ରଛାତ୍ରୀମାନଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅବଧୂତ ବିଶ୍ୱାଳ ମଧ୍ୟ ତାଙ୍କର ଶିକ୍ଷାଦାନ ଶୈଳୀରେ ବେଶ ଖୁଶିଥିବା ପ୍ରକାଶ କରନ୍ତି ।

କେବଳ ବିଦ୍ୟାଳୟ ନୁହେଁ ପାରିବାରିକ ଜୀବନରେ ମଧ୍ୟ ସେ ନିଜ ବାପାବୋଉଙ୍କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ସହ ନିଜ ନିତ୍ୟକର୍ମ ନିଜେ ହିଁ କରନ୍ତି । ତାଙ୍କୁ ସବୁକାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା ପାଇଁ ତାଙ୍କ ସୁଖଦୁଃଖରେ ସହଭାଗୀ ହେବାପାଇଁ ନିମାପଡାର ବିଷ୍ଣୁପ୍ରିୟା ନାମକ ଏକ ଝିଅଙ୍କୁ ପିତାମାତା ବିବାହ କରାଇ ଦିଅନ୍ତି ୨୦୦୬ ମସିହା ଜାନୁଆରୀ ମାସରେ । ପତିଙ୍କ ଅବସ୍ଥା ସୁଖ ଦୁଃଖରେ ସମଭାଗ ଦେଇ ବିଷ୍ଣୁପ୍ରିୟା ମଧ୍ୟ ସଚ୍ଚା ଘରଣୀର ଭୂମିକା ନିଭାନ୍ତି ।

ଘରେ ପିତା, ମାତା ଓ ପତ୍ନୀଙ୍କ ଆଖିରେ ଓ ବିଦ୍ୟାଳୟରେ ଛାତ୍ରଛାତ୍ରୀ ତଥା ସାଥୀ ଶିକ୍ଷକମାନଙ୍କ ଆଖିରେ ଦେଖି ସେ ନିଜର ଜୀବନଯାତ୍ରାରେ ଅଗ୍ରସର ହେଉଥିବା ବେଳେ





ମଣିଷଟି ଭାଙ୍ଗିଯାଇନି କେବେ । ନିଜ ମନରେ ଦମ୍, ସାହସ, ନିଷ୍ଠା ଓ ଅଧ୍ୟବସାୟ ତାଙ୍କୁ ସମସ୍ତ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି । ତଥାପି ତା'ଙ୍କ ମନରେ ସାଥୀ ପିଲାମାନଙ୍କ ପାଇଁ ଦରଦ । ତାଙ୍କର ସିନା ସ୍ୱଳ୍ପ ରୋଜଗାରରେ ନିଜର ପରିବାରକି କୌଣସିମତେ ଚଳେଇ ନେଉଛନ୍ତି , ଅନ୍ୟମାନେ କିଛି ନପାଇ ସରକାରଙ୍କ ଠାରୁ ପ୍ରତାରଣାର ଶିକାର ହୋଇ କାଳାତିପାତ କରୁଛନ୍ତି, ସେମାନଙ୍କୁ ସରକାର କର୍ମସଂସ୍ଥାନ ଯୋଗାଇଦେବା ପାଇଁ ସେ ଅନୁରୋଧ କରିଛନ୍ତି । ଆଖି ନଥାଇ ମଧ୍ୟ ସେମାନେ ଅନ୍ୟମାନଙ୍କ ପରି ସବୁକିଛି କରିପାରିବେ ସେ ଭରସା ତାଙ୍କର ଅଛି । ଶ୍ରୀ ବିଶ୍ୱାଳ ଆଖି ନଥାଇ ଅନ୍ୟର ଆଖିରେ ଦେଖି ପାରୁଥିବାରୁ ସେ ହିଁ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ରହିବେ, ଏହା ନିଶ୍ଚିତ ଅଟେ ।

ଅର୍ଜୁନ ଚରଣ ନାୟକ ।

# କ୍ୟାରମ୍

**ମୂଳ ହିନ୍ଦୀ: ପ୍ରେମ୍‌କୁମାର୍ ମଣି**

**ଭାଷାନୁବାଦ: ମୀନାକ୍ଷୀ ରାଉତରାୟ**

କ୍ୟାରମ୍ ଖେଳରେ ଉଣେଇଶିଟି ଗୋଟିଥାଏ । ନଅଟି କାଳି ଗୋଟି, ନଅଟି ଗୋରୀ ଗୋଟି ଆଉ ଗୋଟିଏ ଗୋଲାପୀ ରଙ୍ଗର ଗୋଟି । ଏଇ ଗୋଟିଏ ଗୋଲାପୀ ଗୋଟି ହିଁ ରାଣୀ ଗୋଟି ।

ଏଇ ଗୋଲାପୀ ଗୋଟି ସବୁଠାରୁ ଦାମୀ ଗୋଟି; ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଗୋଟି । ତା'ତଳକୁ ହେଲେ ଗୋରୀ ଗୋଟି । ସବାଶେଷକୁ ହେଉଛି କାଳି ଗୋଟି । କାଳି ଗୋଟି ହେଲା ସବୁଠାରୁ ତଳଶ୍ରେଣୀର । ଆମ ଭାରତୀୟ ହିନ୍ଦୁ ସମାଜରେ ଶୁଦ୍ର ହେଉଛନ୍ତି ତଳଶ୍ରେଣୀର ଓ ବର୍ଣ୍ଣରେ ସେମାନେ କଳା ।

ମୁଁ କ୍ୟାରମ୍ ଖେଳକୁ ଭଲ ଭାବେ ବୁଝିପାରେ ନାହିଁ । ବୋଧହୁଏ ସେଇଥିପାଇଁ ମୁଁ ଏ ଖେଳକୁ ମନଭରି ଉପଭୋଗ କରିପାରେ ନାହିଁ । ମୋତେ ଲାଗେ ଏ ଖେଳ ଯେମିତି ଜାତିଭେଦକୁ ପ୍ରଚାର କରୁଛି । କାଳି, ଗୋରୀ ଓ ଗୋଲାପୀ ଦୁନିଆକୁ ବୁଝାଉଛି । ମୋ ଘରେ କିନ୍ତୁ କ୍ୟାରମ୍ ଅଛି । ପିଲାମାନଙ୍କୁ ଖେଳିବାକୁ ବାରଣ କରିପାରେ ନାହିଁ ବରଂ ଖୁସି ହୁଏ ସେମାନେ ଦେଶୀ ଖେଳ ନ ଖେଳି କ୍ୟାରମ୍ ଖେଳ ଖେଳୁଛନ୍ତି । ଇଂରାଜୀ ଭାଷାକୁ ବିରୋଧ କରିବା ସତ୍ତ୍ୱେ ପିଲାମାନଙ୍କୁ ଇଂରାଜୀ ପଢିବାପାଇଁ ଉତ୍ସାହିତ କରେ । ସେହିଭଳି କ୍ୟାରମ୍ ଖେଳକୁ ବିରୋଧ କରିବା ସତ୍ତ୍ୱେ ପିଲାମାନଙ୍କୁ କ୍ୟାରମ୍ ଖେଳିବାକୁ ଉତ୍ସାହିତ କରେ ।

ଆମ ପିଲାଦିନେ ଆମେ ଖେଳିସାରି ଘରକୁ ଫେରିଲା ବେଳକୁ ଆମର ହାତପାଦ ଧୂଳିରେ ଭରିଯାଉଥିଲା । ଆଜିକାଲିର ପିଲାମାନେ କ୍ୟାରମ୍ ଖେଳି ଉଠିଲା ବେଳକୁ ତାଙ୍କ ହାତରେ ପାଉଡର ଲାଗିରହୁଛି । କ୍ୟାରମ୍ ସଭ୍ୟ ଲୋକଙ୍କ ଖେଳ । ଏହି ଖେଳରେ ଧୂଳି ନୁହେଁ, ପାଉଡର ମିଶି କରିଥାଏ । କାଳି, ଗୋରୀ ଓ ଗୋଲାପୀର ଏ ଦୁନିଆ । କାଳି ଦୁନିଆ ଆଗରେ ଗୋରୀ ଦୁନିଆ ଦୁଇଗୁଣ ଓ ଗୋଲାପୀ ଦୁନିଆ ପାଞ୍ଚ ଗୁଣ ହିସାବରେ ଗଣା ହୁଅନ୍ତି । ରଙ୍ଗଭେଦର ଏ ପ୍ରଥମ ଅଧ୍ୟାୟ ।

ଫ୍ଲାଟ ନଂ-୪୩, ବିଲ୍ଡିଂ ନଂ-୨୬୫, କନମ୍ବାର ନଗର-୨, ଭିକ୍ରୋଲୀ (ପୂର୍ବ), ମୁମ୍ବାଇ-୮୩

## ଦୁଇଟି ଗପ


**ସତ୍ୟବ୍ରତ ବେହେରା**

# ଅସମର୍ଥ

ଦିନ ଦୁଇଟା । କଲେଜ୍ ମେଇନ୍ ଗେଟ୍ ସେପଟୁ ଛକ ଉପରକୁ ଚାହିଁଲା ମୀନୁ । ଗୋଟେ ବି ରିକ୍ସା ନାହିଁ ଚିହ୍ନା ରିକ୍ସାବାଲାଟା ଆସିନି ଏ ଯାଏଁ । ଆଜି ଘରେ ଗୋଟେ ଜରୁରୀ କାମ ଅଛି । ଏମିତିରେ ବି ଡେରି ହୋଇଗଲାଣି । ତାକୁ ବଡ ବ୍ୟସ୍ତ ଲାଗୁଥିଲା ।

:କୁଆଡେ ଯିବ ମା? ମୁଁ ନେଇଯିବି । କାହାର ଡାକରେ ସେ ପଛକୁ ଫେରି ଚାହିଁଲା । ବୁଲି ଦେଖେତ ଛୋଟ ପିଲାଟେ ରିକ୍ସା ନେଇ ତା'ପଛରେ ହାଜର ।

ବୟସ ସେଇ ୧୩/ ୧୪ ବର୍ଷ ହେବ ।



ପତଳା ସ୍ୱାସ୍ଥ୍ୟ। ପଞ୍ଜରା ସବୁ ଯେମିତି ଅଟହାସ୍ୟ କରୁଛି ତା'ର ସ୍ୱାସ୍ଥ୍ୟକୁ। ତା' ରିକ୍ସା ହେଣ୍ଡେଲ୍‌ର ଉଚ୍ଚଠାରୁ ତା' ଉଚ୍ଚତା ଚାଖଣ୍ଡେ ଅଧିକ ହେବ।

: ଯୋବ୍ରା ଯିବୁ? ମୀନୁ ପଚାରିଲା।

: ହଁ ମା।

: ଆରେ ତୁ କଣ ରିକ୍ସା ଟାଣି ପାରିବୁ?

: ହଁ ମା ପାରିବି ନିଶ୍ଚେ ପାରିବି।

ଏତେ ଛୋଟ ପିଲାଟା ଜଣକୁ ରିକ୍ସାରେ ବସି ଚଳାଇ ପାରିବ? ବିଶ୍ୱାସ ପାଇଲାନି ମୀନୁର। ସେ ଦ୍ୱନ୍ଦରେ ଥିବା ଭିତରେ ଚିହ୍ନା ରିକ୍ସାବାଲାଟି ପହଞ୍ଚିଯାଇ କହିଲା- ବସ' ମା ଟିକେ ଡେରି ହୋଇଗଲା। ମୀନୁ ଦୋ ଦୋ'ପାଞ୍ଚ ହୋଇ ତା ରିକ୍ସାରେ ବସିଲା।

କିଛି ଦୁରଯାଏଁ ମୀନୁ ଚାହିଁରହିଥିଲା ସେ ପିଲାକୁ। ସେ ବି ଗୋଟେ ହତାଶ ଦୃଷ୍ଟିରେ ଚାହିଁଥିଲା ତା'କୁ। ତା'ଆଖି ସତେ ଯେମିତି ମୀନୁକୁ କହୁଥିଲା- ମୁଁ ପାରିବି ମା'! ନିଶ୍ଚୟ ପାରିବି।

ତା'ପରଠାରୁ ସେଇପାଖ ଦେଇ ଗଲାବେଳେ ମୀନୁକୁ ପିଲାଟାର ସେଇ କଥା ପଦକ ଶୁଭିଯାଏ। ହେଲେ ପିଲାଟା ନଜରରେ ପଡେନି।

# କୁକୁର

ରାତି ପାହିଲା ମାତ୍ରେ ନିଦୁଆ ଆଖି ମଳି ମଳି ଉଠେ ଭଗିଆ। ନିଜ ଛୁଆଠୁ ଅଧିକ କରେ ଶଙ୍କରକୁ। ତା' ହାତ ପିଠି ସବୁ ଆଉଁସେ। ଶଙ୍କର ବି ସେମିତି। ତା' ମୁହଁକୁ ଆଣି ଗୁଞ୍ଜିପକାଏ ଭଗିଆ ମୁହଁରେ। ଚାରିଗୋଡ ଟେକି ଉପରକୁ ମୁହଁକରି ଶବ୍ଦ କରେ। ଭଗିଆ କହେ- ସାଇବଙ୍କ କୁକୁର ପରା। ମଣିଷ ଯାଁ' ଆଗରେ ଏମିତି କଣ କି?

ଦିନ ତମାମ୍ କାମ ଆଉ କାମ। ଶଙ୍କର ଗାଧୋଇବ, ଠିକ୍ ସେ ରୁଟିନ୍ ଅନୁଯାୟୀ ଖାଇବ। ତା' ବାସନ ଧୁଆ ହେବ ପାଉଡରରେ। ପାନିଆରେ ତା ଦେହ କୁଣ୍ଡାହେବ। ଶଙ୍କରକୁ ଖାଇସାରିବା ପରେ ଦିନ ଦୁଇଟା ବେଳକୁ ଭଗିଆ ଖାଏ ପଖାଳ।

ସନ୍ଧ୍ୟାପରେ ରାତି ହୁଏ। ଶଙ୍କରକୁ ଆଉଁସେ ଭଗିଆ। ଗେଲ କରେ। ହେଲେ କଣ କେଜାଣି ସାଇବ ଟଳି ଟଳି ଘରକୁ ଫେରିଲେ, ଶଙ୍କର ଏକବାରେ ଭଗିଆକୁ କାମୁଡି ଗୋଡାଏ। ସାଇବ ପାଦତଳେ ମୁହଁଗୁଞ୍ଜି ଲାଞ୍ଜ ହଲାଏ।

ରାତିରେ ଭଗିଆ ଶୁଏ ତଳେ, ଶଙ୍କର ଶୁଏ ସାଇବ ଖଟ ପାଖରେ। ସାଇବ ଇଂରାଜୀ ଭାଷାରେ କଥା ହୁଏ ଶଙ୍କର ସାଙ୍ଗରେ। ଭଗିଆ ସପନରେ କଥା ହୁଏ ଗାଁରେ ଥିବା ତା ସ୍ତ୍ରୀ ପିଲା ସାଙ୍ଗରେ।

ସାଇବର ଦିନେ ବଦଳି ହୁଏ ଦୂର ଯାଗାକୁ। ଶଙ୍କର କାର୍ ପଛ ସିଟ୍‌ରେ ଶୋଇ ଶୋଇ ନୂଆ ଯାଗାର ସ୍ୱପ୍ନ ଦେଖୁଥାଏ। ଭଗିଆ କିନ୍ତୁ ତା' ଛିଣ୍ଡା କନ୍ଥାକୁ କାଖରେ ଗୁଞ୍ଜି କଇଁ କଇଁ ହୋଇ କାନ୍ଦେ। ସାଇବ କହେ- ଏଇ ନେ ଦଶ ଟଙ୍କା, ଶଙ୍କର ତତେ ମନେ ପକାଇବ।

ରାହାଣିଆ, କୁଆଁପାଳ, କଟକ

# ଦୁର୍ଘଟଣା

ଭୁବନେଶ୍ୱର ଯିବା ରାସ୍ତାରେ ଖୋର୍ଦ୍ଧା ପରେ ଗୋଟିଏ ଛକରେ ଝିଅଟିଏ ଠିଆ ହୋଇ ଯାଉଥିବା ସବୁ ଗାଡିକୁ ଅଟକାଇବାକୁ ଚେଷ୍ଟା କରୁଥିଲା, ମୁଁ କାରଟିକୁ ନେଇ ତା'ପାଖରେ ରଖିବା ପରେ ସେ ତରତର ହୋଇ ଗାଡି ଭିତରକୁ ପଶିଆସିଲା, କହିଲା, 'ଚାଲନ୍ତୁ'। ବେଶପୋଷାକରୁ ସେ କଲେଜ ପଢୁଆ ଝିଅପରି ଦିଶୁଥିଲା। ସାମାନ୍ୟ ଗୋରୀ ଆଉ ସୁନ୍ଦର ଶରୀରର ଅଧିକାରିଣୀ ଏହି ଝିଅଟି ପାଖରେ ବସିବା ପରେ ସାମାନ୍ୟ ସଂଭ୍ରମତା ଦେଖାଇବାକୁ ଚେଷ୍ଟା କଲି। କଲେଜ ଦୁଆର ଡେଇଁବାର ଦଶରୁ ଅଧିକ ବର୍ଷ ହୋଇଗଲାଣି।



ତଥାପି ପାଠ ପଢୁଆ ଛାତ୍ର ଛାତ୍ରୀ ମାନଙ୍କୁ ଦେଖିଲେ ନିଜେ ନିଜେ ଅଳ୍ପ ବୟସ୍କ କିଶୋର ମାନଙ୍କ ପରି ଅନୁଭବ କରେ, ଆଉ ଉଣା ଅଧିକ ସମସ୍ତେ ଏମିତି ଅନୁଭବ ନିଶ୍ଚୟ କରୁଥିବେ। ଝିଅଟି କଲେଜ ଯାଉଥିଲା କି ପାର୍ଟି ବୁଝିହେବନି। କଲେଜ ୟୁନିଫର୍ମ୍ ପିନ୍ଧିଥିଲା ସତ କିନ୍ତୁ ଏତେ ମେକ୍ ଅପ୍ ଯେ ମୁହଁର ରଙ୍ଗ କୃତ୍ରିମ ଗୋରା ଦେଖାଯାଉଥିଲା। ମଝିରେ ମଝିରେ ବ୍ୟାଗରୁ ବାହାର କରି ସେ ପାଉଡର୍ ଟିକେ ମୁହଁରେ ବୋଳି ହୋଇଯାଉଥିଲା, ଆଉ ବ୍ୟାଗରେ ଧରିଥିବା ସାନ ଆଇନାରେ ନିଜ ମୁହଁ ଆଉ ଓଠକୁ ଦେଖୁଥିଲା। ମନେ ମନେ ଭାରୀ ହସ ଲାଗୁଥିଲା, ଭାବୁଥିଲି, ଝିଅମାନେ ସବୁବେଳେ ଝିଅ ହୋଇ ହିଁ ରହିବେ, ମଲା ବେଳେ ବି ଯଦି ପାଉଡର୍ ଆଉ ସ୍ନୋ ସେଣ୍ଟ୍ ମିଳେ ତ କେଜିଏ ନିଜ ଉପରେ ମଳି ମରିବେ ସିନା, ଖାଲିରେ ମରିବେନି।

ଝିଅଟିର କାମରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି, ଭାବିଥିଲି, ଝିଅଟି ପଚାରିବ କେଉଁଆଡେ ଯିବେ ମୋତେ ଟିକେ ଲିଫ୍ଟ ଦେବେ କି ଇତ୍ୟାଦି ଇତ୍ୟାଦି କିନ୍ତୁ କଥାଟା ଓଲଟା ହୋଇଗଲା, ଝିଅଟି ନିଜ ଗାଡି ପରି ଆସି ମୋ ଗାଡି ଭିତରେ ବସି ଅର୍ଡର କରୁଛି ଚାଲନ୍ତୁ। ଗାଡିକୁ ଆଗକୁ ବଢେଇ ଚାଲିଲି। ସେ କୌଣସି କଲେଜର ଛାତ୍ରୀ ପରି ଦିଶୁଥିଲା। ୟୁନିଫର୍ମ ପିନ୍ଧିଥିଲା। ନୂଆ ନୂଆ କଲେଜ ଯାଉଥିଲା ବୋଧହୁଏ ଆଉ ସବୁଦିନ ପରି ଲାଇନ୍ ଗାଡି ଧରି ପାରିଲାନି। ବାପା ମା' ମାନେ ବଡିଲା ଝିଅମାନଙ୍କୁ କଲେଜ ଗୁଡାକରେ ଜଏନ୍ କରାଉଛନ୍ତି ସତ କିନ୍ତୁ ସେମାନେ କେମିତି କଲେଜ ଯିବେ ଆସିବେ ସେ କଥା କିଛି ଭାବୁନାହାନ୍ତି। ଝିଅ ଗୁଡାକ ମଧ୍ୟ ଅସହାୟ ମାନଙ୍କ ପରି ଭିଡ ଗାଡିରେ ପୁରୁଷ ମାନଙ୍କ



ମଝିରେ ଓହ୍ଲି ଯିବାକୁ ବାଧ୍ୟ ହେଉଛନ୍ତି। ଝିଅଟି ଏତେ ସୁନ୍ଦର ଦିଶୁଥିଲା ଯେ ତା' ବାପା ମା'ଙ୍କ ଉପରେ ରାଗ ଲାଗିଲା, ଭାବିଲି, ଏତେ ସୁନ୍ଦର ଝିଅକୁ ଏକା ଏକା କେମିତି ରାସ୍ତାରେ ଛାଡି ଦେଉଛନ୍ତି ସତରେ? ଯଦି ମୋ ସ୍ଥାନରେ କେହି ସଇତାନ ଥାଆନ୍ତା? ତେବେ?

ଆଗକୁ ଯାଉ ଯାଉ ପଚାରିଲି, କୁଆଡେ ଯିବ? ସେ କହିଲା, 'କଲେଜ'। କହିଲି ସେୟା ତ ଦିଶୁଛି, ତୁମର ଏ ୟୁନିଫର୍ମ କହୁଛି ତୁମେ କଲେଜ ଯାଉଛ। କିନ୍ତୁ କୋଉ କଲେଜ। ସେ ଟିକେ ଶଙ୍କାରେ ମୋତେ ଚାହିଁଲା, କହିଲା, ମୁଁ ଯେଉଁ କଲେଜକୁ ଗଲେ ବି ଆପଣଙ୍କର ଯାଏଆସେ କେତେ? ସାମାନ୍ୟ ହସିଦେଇ କହିଲି, ମ୍ୟାଡାମ୍ ଠିକ ସ୍ଥାନଟା ଜାଣିଲେ ସିନା ତୁମ ଗନ୍ତବ୍ୟ ସ୍ଥାନ ପାଖରେ ଛାଡିଦେବି। ସେ ଟିକେ ଥଣ୍ଡା ପଡିଗଲା ଆଉ ବୋଧହୁଏ ଏ ମଧ୍ୟରେ ସେ ଜାଣିସାରିଥିଲା ଯେ ସେ ମୋ ଗାଡିରେ ବସିଛି।

କହିଲା, ରମାଦେବୀ ଯିବି। ମୁଁ ଥିଲି ଅଜ୍ଞ। କାରଣ ମୁଁ ଭୁବନେଶ୍ୱର ବିଷୟରେ କିଛି ଜାଣିନଥିଲି, ଯଦ୍ୟପି ଅନେକ ଥର ଯାଇଛି କିନ୍ତୁ କେଉଁ ସ୍ଥାନରେ କଣ ଅଛି ସେ କଥା ଜାଣିନି। କହିଲି, ଆଚ୍ଛା, ତା'ହେଲେ ତୁମ କଲେଜ ଆସିଲେ କହିବ ମୁଁ ତୁମକୁ ଛାଡିଦେବି।

ଗାଡିରେ ପୁଣିଥରେ ମ୍ୟୁଜିକ୍ ଲଗେଇ ଦେଇ ଗାଡି ଆଗକୁ ବଢାଇଲି। ଭୁବନେଶ୍ୱର ପହଞ୍ଚୁ ପହଞ୍ଚୁ ପ୍ରଥମେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପଡେ ସେଇଠି ଗାଡି ଅଟକାଇ ରାସ୍ତା କଡରେ ଥିବା ଗୋଟିଏ ଟ୍ରାଫିକ୍ କନ୍‌ଷ୍ଟେବଲ୍‌କୁ ଆଗକୁ ଯିବା ପାଇଁ ରାସ୍ତା ପଚାରି ବୁଝିବା ବେଳେ ଝିଅଟି କହିଲା, ଆପଣ ଗାଡି ଚଳାନ୍ତୁ, ମୁଁ କହିଦେବି କେଉଁଆଡେ ଯିବେ। ଅବଶ୍ୟ ଝିଅଟି ସବୁଦିନ କଲେଜ ଆସି ଆସି ତା'ର ଅଭ୍ୟାସ ହୋଇ ଯାଇଥିବ। ଏହି ସମୟରେ ତା' ବ୍ୟାଗ ଭିତରୁ ତା' ମୋବାଇଲ୍ ଫୋନ୍ ଟା ବାଜି ଉଠିଲା, ସେ ଫୋନ୍ ରିସିଭ୍ କରି କହିଲା, ଅଧ ଘଣ୍ଟା ଭିତରେ ପହଞ୍ଚିଯିବି, ଗୋଟିଏ କ୍ଲାସ୍ ମୋର ପ୍ରକ୍ସି ପକେଇ ଦେ। ବୋଧହୁଏ ତା' ସାଙ୍ଗ ସହିତ କଥା ହେଉଥିଲା। ତା'ପରେ ମୋତେ କହିଲା, ଆପଣ କେଉଁଆଡେ ଯିବେ? ମୁଁ କହିଲି, ନ'ତାଲା ଯିବି, ସଚିବାଳୟ। ସେ କହିଲା, ତା'ହେଲେ ମୋତେ ଏଇଠି ଛାଡି ଦିଅନ୍ତୁ, ମୁଁ ଅଟୋରେ ଚାଲିଯିବି, ଆପଣ ଆଗରେ ରାଇଟ୍ ସାଇଡ୍‌କୁ ବଢ଼ିଯାଆନ୍ତୁ, ନ'ତାଲା ପହଞ୍ଚିଯିବେ।

ରାସ୍ତା କଡରେ ଗାଡି ଅଟକାଇଲା ପରେ ସେ ଓହ୍ଲାଇଲା, ଆଉ ମୁହଁରେ ଏକ ତୃପ୍ତିଭରା ହସ ନେଇ କହିଲା, ଆଜ୍ଞା ଧନ୍ୟବାଦ, ତା'ପରେ ସେ ଗହଳି ଭିତରେ କୁଆଡେ ହଜି ଗଲା। ମୁଁ ଚାଲିଲି ନ'ତାଲା। ନ'ତାଲାରେ ସରକାରୀ କାମ କରିବା କେତେ କଷ୍ଟ ତାହା ମୁଁ ଜାଣିଛି। ତଥାପି ସଚିବାଳୟ ବାହାରେ ଗାଡି ଠିଆ କରେଇ ଯେତେବେଳେ କାଚ ବନ୍ଦ କରିବାକୁ ଗଲି ଦେଖିଲି ଝିଅଟି ତା ମୋବାଇଲ୍ ମୋ ଗାଡିରେ ଛାଡି ଦେଇ ପଳାଇଛି। ଭାରୀ ଝିଞ୍ଜଟ୍‌ରେ ପଡିଗଲି ବୋଲି ଭାବିଲି। ଏବେ କେଉଁଠି ଥିବ ସେ ଝିଅ, ତା'କୁ କେଉଁଠି ଖୋଜିବି। ଭାବିଲି ଯଦି ସେ ମୋବାଇଲ୍ ହଜେଇ ଯାଇଛି, ସେ ନିଜେ ଫୋନ୍ କରି ବୁଝିବ ନିଶ୍ଚୟ। ତେଣୁ ମୋବାଇଲ୍‌ଟିକୁ ପକେଟ୍‌ରେ ପୁରେଇ ନ'ତାଲା କାମରେ ବ୍ୟସ୍ତ ହୋଇଗଲି। ଏଗାରଟା ବେଳେ ନ'ତାଲା ଭିତରକୁ ପଶିଥିଲି, ସବୁ କାମ ସାରି ବାହାରି ଆସିଲା ବେଳକୁ ଦିନ ସାଢେ ଦୁଇଟା ହୋଇଲାଣି।

ଗାଡି ବାହାର କଲାବେଳେ ନିଜ ଘରୁ ଆସିଥିବା କଲ୍ ଆଟେଣ୍ଡ କଲାବେଳେ ଝିଅଟିର ମୋବାଇଲ୍ ଉପରେ ଦୃଷ୍ଟି ପଡିଲା। ଗାଡି ବାହାରକୁ ଆଣିଲା ବେଳେ ଭାବିଲି, ଝିଅଟି କାହିଁକି ଫୋନ୍ କଲାନି? ବୋଧହୁଏ କଲେଜ ଯାଉଯାଉ ପାଠ ପଢ଼ା ଆଉ କ୍ଲାସ୍ ମାନଙ୍କରେ ବ୍ୟସ୍ତ ହୋଇପଡିଥିବ। ସେଇଥି ପାଇଁ ସେ ମୋବାଇଲ୍ କଥା ପୁରା ଭୁଲିଯାଇଥିବ। ତା'ପରେ ଘରକୁ ଫେରିବା ପାଇଁ ବ୍ୟସ୍ତତା ଭିତରେ ମୁଣ୍ଡ ଗୋଳମାଳ ହୋଇଗଲା, ଝିଅଟିର ବାପା କେତେ କଷ୍ଟ କରି ତା'କୁ ମୋବାଇଲ୍ ଟିଏ କିଣି ଆଣି ଦେଇଥିବେ, ସେ ପିଲାଲୋକ ବୋଧହୁଏ ତରବରରେ ଯାଉ ଯାଉ ମୋ ଗାଡିରେ ଛାଡି ଦେଇ ଯାଇଛି, ଏହା ଭାବି, ଲଞ୍ଚ୍ କରୁକରୁ ଜଣୈକ ଭଦ୍ରବ୍ୟକ୍ତିଙ୍କ ଠାରୁ ରମାଦେବୀ କଲେଜ ରାସ୍ତା ପଚାରି ବୁଝି ଗାଡି ବଢାଇଲି।

କଲେଜ ବାହାରେ ଯାଇ ଦେଖିବାକୁ ଚେଷ୍ଟାକଲି, ଝିଅଟି ଦିଶୁନଥିଲା, ବୋଧହୁଏ କୌଣସି କ୍ଲାସ୍‌ରେ ଥିବ, ଅପେକ୍ଷା କଲି, ସାମନା ପାନ ଦୋକାନକୁ ଯାଇ କୁଲ୍ ଡ୍ରିଙ୍କ୍ ପିଇଲା ବେଳେ କଲେଜ ସାମନା ପାଚେରୀ ପାଖରେ ଆସି ପୋଲିସ ଗାଡିଟିଏ ଅଟକିଲା, ଆଉ କଲେଜ ବାହାରେ ଠିଆ ହୋଇଥିବା ଅନେକ ଟୋକାଙ୍କୁ ଧରିନେଲା, ଭାବିଲି, ସବୁ ନିଶ୍ଚୟ ରୋଡ୍ ରୋମିଓ ହୋଇଥିବେ, ଏହି ସମୟରେ ପାଚେରୀଠାରୁ ଅନତି ଦୁରରେ ଠିଆ ହୋଇଥିବା କିଛି ଝିଅଙ୍କୁ ବି ଆଣି ପୋଲିସ ଗାଡିରେ ବସାଇ



ଦିଆଗଲା । କଥା କଣ ବୁଝିଲା ବେଳକୁ ଜଣାପଡିଲା, ସେ ଠାରେ ଠିଆ ହୋଇଥିବା ଝିଅ ସବୁ କଲେଜ ପଢୁଆ ଝିଅଙ୍କ ପରି ବେଶପୋଷାକ ପିନ୍ଧି ଦେହ ବ୍ୟବସାୟ କରୁଥିଲେ । ଏହି ସମୟରେ ଝିଅଟିର ମୋବାଇଲ୍‌ରେ କଲ୍ ଆସିଲା, ମୁଁ 'ହାଲୋ' ବୋଲି କହିବା ପୂର୍ବରୁ ସେ ପାଖରୁ କେହି ଜଣେ କହୁଥିଲା, 'ଲିନା, ତୁ ଜଲ୍‌ଦି ରମାଦେବୀ ପାଖରୁ ବାହାରିଯା, ପୋଲିସ୍ ରେଡ୍ ପଡିଛି ।' ତା'ପରେ ଫୋନ୍ କଟ୍ ହୋଇଗଲା ।

ମୋ ଦେହରୁ ଝାଳ ବାହାରି ଗଲା । ତରବରରେ ସେ ସ୍ଥାନରୁ ବାହାରି ଆସିଲା ବେଳକୁ ସେ ଝିଅଟିକୁ ମୋ ଗାଡି ପାଖରେ ଠିଆ ହୋଇଥିବା ଦେଖିଲି । ବୋଧହୁଏ ସେ ମୋ ଗାଡିକୁ ଚିହ୍ନି ସାରିଥିଲା, ଆଉ ଜାଣିସାରିଥିଲା, ସମ୍ଭବତଃ ମୁଁ ତା' ମୋବାଇଲ୍ ଫେରାଇବାକୁ ଆସିଛି । ତା'କୁ ମୋବାଇଲ୍‌ଟି ଧରେଇ ଦେଇ ତୀବ୍ରବେଗରେ ଗାଡିରେ ପଶିଯାଇ ସେ ସ୍ଥାନରୁ ବାହାରି ଆସିଲି ।

---

# କେ ବି କେ ପରିକ୍ରମା

## ୪୫୪୪ କୋଟି ଖର୍ଚ୍ଚ ସତ୍ତ୍ୱେ ବିକାଶ କାହିଁ?

କେବିକେ ଯୋଜନାର ମୂଲ୍ୟାୟନ, କେବିକେ ଅର୍ଥରେ ବିଜୁ କୃଷକ ଯୋଜନା

ଭୁବନେଶ୍ୱର, ୨୬/୮ (ଇମିସ): କେବିକେ ସଂଶୋଧିତ ଦୀର୍ଘ ମିଆଦି ଯୋଜନା



(ଆର୍‌ଏଲ୍‌ଟିଏପି)ରେ ୧୯୯୮-୯୯ ଠାରୁ ୨୦୦୫-୦୬ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଗତ ଆଠ ବର୍ଷରେ ୪୫୪୪ କୋଟି ୩୫ ଲକ୍ଷ ଟଙ୍କା ଦେଇଥିଲେ ମଧ୍ୟ ଲୋକଙ୍କ ଅବସ୍ଥା ବଦଳି ନାହିଁ। କେବିକେ ଯୋଜନାର ମୂଲ୍ୟାୟନ ପାଇଁ ଯୋଜନା କମିସନ୍‌ଙ୍କ ଦ୍ୱାରା ନିଯୁକ୍ତ ଦିଲ୍ଲୀସ୍ଥିତ ଇନ୍‌ଷ୍ଟିଟ୍ୟୁସନ୍ ଅଫ୍ ଆପ୍ଲାଏଡ୍ ମାନ୍‌ପାୱାର୍ ଆଣ୍ଡ ରିସର୍ଚ୍ଚ (ଆଇଏଏମ୍‌ପିଆର୍) ପକ୍ଷରୁ ନିଜ ମଧ୍ୟବର୍ତ୍ତୀକାଳୀନ ମୂଲ୍ୟାୟନ ରିପୋର୍ଟରେ ଏହା କୁହାଯାଇଛି ।

ଯୋଜନା କମିସନଙ୍କ ନିକଟରେ ସଂସ୍ଥା ଦାଖଲ କରିଥିବା ରିପୋର୍ଟରେ ଉଲ୍ଲେଖ କରିଛି ଯେ ଯୋଜନାଭୂକ୍ତ ୮ଟି ଜିଲ୍ଲାରେ ଲୋକଙ୍କ ଜୀବନ ଧାରଣ ମାନ ଓ ନିଯୁକ୍ତି କ୍ଷେତ୍ରରେ କୌଣସି ଆଖି ଦୃଶିଆ ପରିବର୍ତ୍ତନ ହୋଇନାହିଁ। ଜଳସେଚନ କ୍ଷେତ୍ରରେ ଅଗ୍ରଗତି ହେଉନାହିଁ। ଶିଶୁ ଓ ମା' ମାନଙ୍କ କ୍ଷେତ୍ରରେ ପୁଷ୍ଟିହୀନତା ପୂର୍ବଭଳି ରହିଛି । ସରକାର ବିଭିନ୍ନ ପ୍ରକଳ୍ପର ଆକଳନ (ଏଷ୍ଟିମେଟ୍) ମୂଲ୍ୟ ବଢାଇ ଦେଇ ନିମ୍ନ ମାନର କାର୍ଯ୍ୟ କରୁଛନ୍ତି । ଯୋଜନାର ସଫଳ ରୂପାୟନ ପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ । କୋରାପୁଟରେ ଥିବା କେବିକେ କାର୍ଯ୍ୟାଳୟ ସଂପର୍କରେ ସଂସ୍ଥା ପ୍ରତିକୂଳ ମନ୍ତବ୍ୟ ଦେଇଛି। ଏଠାରେ କେବଳ ଦୁଇ ଅଧିକାରୀ, ୨ଜଣ କଂପ୍ୟୁଟର ଅପରେଟର ଓ ଦୁଇ ଜଣ ପିଅନ୍ ଅଛନ୍ତି । ଏହି ଅଫିସ୍ ତା'ର କାର୍ଯ୍ୟ ଠିକ୍ ଭାବେ ସଂପାଦନ କରୁନାହିଁ। ସବୁ ସୂଚନା ମଧ୍ୟ ଏଠାରେ ଉପଲ୍‌ବ୍ଧ ନୁହେଁ। ଏହାକୁ ରାଜ୍ୟ ରାଜଧାନୀକୁ ଉଠେଇ ଆଣିଲେ ବରଂ ବେଶୀ ସୁଫଳ ମିଳିବ ବୋଲି ସଂସ୍ଥା ମନ୍ତବ୍ୟ ଦେଇଛି ।

ଗତ ବିଧାନସଭାରେ କେବିକେ ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ୟୁପିଏ ସରକାରଙ୍କ ବିରୋଧରେ କେତେକ ନିର୍ଦ୍ଦିଷ୍ଟ ଅଭିଯୋଗ ଆଣିଲା ପରେ ଏବେ ଏହି ଯୋଜନା ନେଇ ବିତର୍କ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏନ୍ ଡି ଏ ସରକାର କେବିକେ ଯୋଜନା ପାଇଁ ୯ ବର୍ଷରେ ୫୫୨୬ କୋଟି ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ୧୧୯୩ କୋଟି ୯୫ ଲକ୍ଷ ଟଙ୍କା ପାଇଛନ୍ତି । ଅତଏବ ବାକି ଅର୍ଥଗଲା କୁଆଡେ । ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତିଥିଲା ଯେ ଏହି ଯୋଜନା ବାବଦରେ କେନ୍ଦ୍ର ସରକାର ରାଜ୍ୟକୁ ଆହୁରି ତିନି ହଜାର କୋଟିରୁ ଅଧିକ ଟଙ୍କା ଦେବେ । ମାତ୍ର ଯୋଜନା ଓ ସମନ୍ୱୟ ବିଭାଗ ପିଏସି ସବ୍ କମିଟିକୁ ଦେଇଥିବା ତଥ୍ୟରୁ ପ୍ରମାଣିତ ହୁଏ ଯେ ମୁଖ୍ୟମନ୍ତ୍ରୀ କେବିକେ ଯୋଜନା ବିଷୟରେ ଅଜ୍ଞ । ଏହି ବିଭାଗର ତଥ୍ୟ ଅନୁଯାୟୀ କେବିକେ ଯୋଜନା ବାବଦରେ ୧୯୯୮-୯୯ ବର୍ଷଠାରୁ ୨୦୦୫-୦୬ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ୩୩୫୦ କୋଟି ୪୦ ଲକ୍ଷ ଟଙ୍କା ଦେଇଛନ୍ତି । କେନ୍ଦ୍ରୀୟ ଯୋଜନା (ସିପି) ଓ କେନ୍ଦ୍ର ପ୍ରଯୋଜିତ ଯୋଜନା(ସିଏସ୍‌ପି)ରେ ଏହା ମିଳିଛି । ଏହା ବ୍ୟତୀତ ଏହି ସମୟ ମଧ୍ୟରେ ଅତିରିକ୍ତ କେନ୍ଦ୍ରୀୟ ଅନୁଦାନ (ଏସିଏ) ବାବଦରେ କେନ୍ଦ୍ର ସରକାର ୧୧୯୩ କୋଟି ୯୫ ଲକ୍ଷ ଟଙ୍କା ଦେଇଛନ୍ତି । ଏପରି ଭାବରେ ରାଜ୍ୟ ସରକାର ଗତ ଆଠ ବର୍ଷରେ ମୋଟ ୪୫୪୪ କୋଟି ୩୫ ଲକ୍ଷ ଟଙ୍କା ପାଇଛନ୍ତି । ଏହା ବ୍ୟତୀତ ୨୦୦୬-୦୭ ଆର୍ଥିକ ବର୍ଷରେ କେବିକେ ଯୋଜନାରେ ରାଜ୍ୟ ସରକାର ଅନ୍ୟୁନ ଏକ ହଜାର କୋଟି ଟଙ୍କା ପାଇବାର ଅଛି ।

ତେବେ କେନ୍ଦ୍ର ସରକାର କେବିକେ ଯୋଜନାରେ ଟଙ୍କା କମାଇ ଦେଇଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ବିଜୁ କେବିକେ ଯୋଜନା ପ୍ରଣୟ କାର୍ଯ୍ୟକାରୀ କରିବା ପାଇଁ





ଘୋଷଣା କରିଛନ୍ତି । ବର୍ଷକୁ ୧୨୦ କୋଟି ଟଙ୍କା ହିସାବରେ ୫ ବର୍ଷରେ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଟଙ୍କା ରାଜ୍ୟ ସରକାର କେଉଁଠୁ ଆଣିବେ ବୋଲି ବିରୋଧୀ କଂଗ୍ରେସ୍ ଦଳ ପ୍ରଶ୍ନ କରିଛନ୍ତି । ଏପରିକି ବିଜୁ କୃଷକ ଯୋଜନାରେ କେବିକେ ଅର୍ଥ ବିନିଯୋଗ ହୋଇଛି ବୋଲି ଯୋଜନା ଓ ସମନ୍ୱୟ ବିଭାଗ ପିଏସି ସବ୍ କମିଟିକୁ ଗତକାଲି ଦେଇଥିବା ରିପୋର୍ଟରୁ ଜଣାପଡିଛି । ୨୦୦୩-୦୪ ବର୍ଷରେ ବିଜୁ କୃଷକ ବିକାଶ ଯୋଜନାରେ କେବିକେ ସ୍ୱତନ୍ତ୍ର ଅନୁଦାନରୁ ୨୦ କୋଟି ଟଙ୍କା କେବିକେ ଅଂଚଳ ପାଇଁ ଖର୍ଚ୍ଚ ହୋଇଛି । ସେହି ଭଳି ୨୦୦୪-୦୫ରେ ୧୮ କୋଟି ୫୦ ଲକ୍ଷ ଓ ୨୦୦୫-୦୬ରେ ୧୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି । କେବିକେ ଅଞ୍ଚଳରେ କାର୍ଯ୍ୟକାରୀ ଏଆଇବିପି ଯୋଜନାରେ ରାଜ୍ୟ ସରକାର ତାଙ୍କ ଅଂଶଧନ ୧୦ ପ୍ରତିଶତ ଦେବା କଥା, ମାତ୍ର ଏହି ଅଂଶ ଧନ ସ୍ୱତନ୍ତ୍ର ଅନୁଦାନରୁ ଦିଆଯାଇଛି ବୋଲି ଯୋଜନା ଓ ସମନ୍ୱୟ ବିଭାଗ ସବ୍ କମିଟି ଆଗରେ ସ୍ୱୀକାର କରିଛି । ଏଥି ପାଇଁ ରାଜ୍ୟ ସରକାର ଅନୁଦାନ ରାଶିରୁ ୨୧ କୋଟି ୪୦ ଲକ୍ଷ ଟଙ୍କା ଦେଇଛନ୍ତି । ଘୋର ଅନାଟନ ମଧ୍ୟରେ ଗତି କରୁଥିବା ରାଜ୍ୟ ସରକାରଙ୍କ ବିଜୁ କେବିକେ ଯୋଜନା କାର୍ଯ୍ୟକାରୀ ନେଇ ସନ୍ଦେହ ରହିଛି । କେବିକେ ଅଞ୍ଚଳକୁ କେନ୍ଦ୍ର ସରକାରଙ୍କ ପଛୁଆ ଅଞ୍ଚଳ ବିକାଶ ଯୋଜନାରେ ସାମିଲ କରାଇବା ପାଇଁ ନବୀନ ଦାବୀ କରିଛନ୍ତି । କେବିକେ ଜିଲ୍ଲାମାନଙ୍କୁ ଏହି ପାଣ୍ଠି ମିଳିଲେ କେନ୍ଦ୍ର ଅଧିକ ୧୨୦ କୋଟି ଟଙ୍କା ଦେବ । ତେବେ କେବିକେ ଯୋଜନାରେ ଅଧିକ ଅର୍ଥ ଦିଆଯାଉଛି ବୋଲି କେନ୍ଦ୍ର ସରକାର କହୁଛନ୍ତି ।

# ନୂଆ କିରଣ

**ଅରୁଣ କୁମାର ଶତପଥୀ**

ଶେଷରେ ବହୁତ ଦିନର ଅପେକ୍ଷା ପରେ ସେଇ ଇପ୍‌ସିତ ମୁହୂର୍ତ୍ତ ପହଞ୍ଚିଗଲା । ୨୩ଟି ବସନ୍ତ ଅତିକ୍ରମ ପରେ ଜୀବନର ମୋହ ମୋ ମନରୁ ତୁଟି ଯାଇଥିଲା । ପ୍ରତିଦିନ ଭଗବାନଙ୍କୁ ପ୍ରାର୍ଥନା କରେ, ''ପ୍ରଭୂ, ତୁମେ କଣ ଏ ଅକିଞ୍ଚନକୁ ତୁମ ପାଦତଳେ ଆଶ୍ରୟ



ଦେଇପାରିବନି?'' ମୋର ଏ ଅଜବ ଇଚ୍ଛା ଦେଖି ସାଙ୍ଗ ମାନେ ତାଚ୍ଛଲ୍ୟ କରନ୍ତି । ହେଲେ ମୁଁ ମୋ ମନରେ ଅଟଳ ଥାଏ । ମନେ ମନେ ଭାବେ ମୋ ଭଳି ପରିସ୍ଥିତିରେ ସମ୍ମୁଖୀନ ହୋଇଥିଲେ ସେମାନେ ମଧ୍ୟ ଏପରି ନିଷ୍ପତ୍ତି ନେଇଥାଆନ୍ତେ । ଏବଂ ଅନେକ ଦିନର ପ୍ରତୀକ୍ଷା ପରେ ଦିନେ ବସନ୍ତ ଋତୁର ଏକ ପୂର୍ଣ୍ଣିମା ରାତିରେ ମୁଁ ମୋର ବାଞ୍ଛିତ ଫଳ ପାଇବାର ଆଭାସ ପାଇଲି । ମଧ୍ୟରାତ୍ରି ପରେ ଧୀରେ ଧୀରେ ମୋ ସ୍ୱପ୍ନରାଜ୍ୟକୁ ଯମରାଜା ପ୍ରବେଶ କଲେ । କଳା ମଇଁଷି ଉପରେ କଳା ରଙ୍ଗର ଲାଲ୍‌ଚି ପିନ୍ଧି ଶ୍ରୀ ଶ୍ରୀ ଯମରାଜ ଅବତରଣ କଲେ । ଗୋଟିଏ ସ୍ମିତହାସ୍ୟ ଦେଇ କହିଲେ, ''ଉଠ ବତ୍ସ ଅରୁଣ, ଏଇଟା ତୁମର ଶୋଇବାର ସମୟ ନୁହେଁ । ତୁମର ନିୟମିତ ପ୍ରାର୍ଥନାରେ ମୁଁ ଅତ୍ୟନ୍ତ ପ୍ରୀତ । ଆଜି ମୁଁ ତୁମର ସକଳ ଇଚ୍ଛା ପୁରଣ କରିବି । ମାନେ, ତୁମର ମୃତ୍ୟୁବରଣ କରିବାର ଇଚ୍ଛାକୁ ମୁଁ ଖୁବ ଶୀଘ୍ର ପୁରଣ କରିବି । ତଥାପି, ମୁଁ ଜାଣିବାକୁ ଚାହେଁ, ତୁମେ କେବେ ଯମ ଲୋକକୁ ଯିବାକୁ ଚାହଁ? ଯଦି ତୁମେ କହିଦେବ ତେବେ ଆଜି ଏହିକ୍ଷଣ ସବୁ ବନ୍ଦୋବସ୍ତ କରିଦେବି । କାରଣ ତୁମେ ତ ଜାଣି ମୋ ଭକ୍ତ ମାନଙ୍କ ଇଚ୍ଛାକୁ ମୁଁ କେବେ ଅନାଦର କରେ ନାହିଁ । ଯମରାଜଙ୍କ ଏଇ ପ୍ରିୟ ସମ୍ଭାଷଣରେ ମୋ ନିଦଟା ଚାଉଁକିନା ଭାଙ୍ଗିଗଲା । ହଠାତ୍ ସାମନାରେ ଏପରି ବିକଟାଳ ଜୀବଟାକୁ ଦେଖି ମୋ ପିଳେହି ପାଣି ହୋଇଗଲା । ଭୟରେ ଗୋଡ ହାତ ଥରିବାକୁ ଲାଗିଲା । ଡରି ଡରି ପଚାରିଲି, ''ମହାଭାଗ, ଆପଣ କିଏ? ମୁଁ ଆପଣଙ୍କର କି ଦୋଷ କରିଛି? ଯଦି ବା କରିଥାଏ ମୋତେ କ୍ଷମା କରିଦିଅନ୍ତୁ ।''

କିନ୍ତୁ ଯମରାଜ ଗେହ୍ଲେଇ ହୋଇ କହିଲେ, ''ବତ୍ସ, ମୋତେ ଚିହ୍ନିପାରିଲ ନାହିଁ? ମୁଁ ପରା ଯମପୁରର ଅଧିପତି । ତମେ ତ ଗଲ କିଛି ଦିନ ହେଲା ମୋତେ ବ୍ୟାକୁଳତାର ସହ ପ୍ରାର୍ଥନା କରୁଥିଲ । ଆଜି ମୁଁ ତୁମ ଇଚ୍ଛା ପୁରଣ କରିବାକୁ ଆସିଛି ।

'''ଓଃ, କ୍ଷମା କରିବେ ଭଗବାନ, ଏ ଅଧମ ନିଦ୍ରା ଯାଇଥିବାରୁ ଆପଣଙ୍କୁ ଚିହ୍ନି ପାରିଲା ନାହିଁ । ହେଲେ ଆପଣ ଏମିତି କଳା ଜାମା ପିନ୍ଧିଛନ୍ତି କାହିଁକି? ଏତେ ବଡ ବିଶ୍ୱର ମାଲିକ ହୋଇ ଗୋଟାଏ ଭଲ ସୁଟ୍ ଓ ଟାଇ ପିନ୍ଧିଥିଲେ ଭଲ ହେଇଥାନ୍ତା । ତା'ଛଡା ସୁଟ୍ ଉପରେ ଆପଣଙ୍କ ନାଁର ଗୋଟାଏ ବ୍ୟାଜ୍ ଲଗାଇବା ଉଚିତ ହୋଇଥାନ୍ତା । କିନ୍ତୁ ଆପଣଙ୍କ ମୁକୁଟଟା ବଡିଆ ହୋଇଛି । ଅସଲି ହୀରାରେ ତିଆରି ହୋଇଛି ବୋଧହୁଏ ।'' ଗୋଟିଏ ଗଳା ଖଙ୍କାର ମାରି ଯମରାଜ କହିଲେ, ''ବତ୍ସ ଦୁଃଖ କରିବାର କିଛି ନାହିଁ । ପ୍ରାୟତଃ ମୋତେ କେହି ଚିହ୍ନି ପାରନ୍ତି ନାହିଁ । ଆଉ ଏଇ ଜାମା କଥା କିଏ ପଚାରେ? କଥା କଣକି ଆମ ଯମପୁରରେ ଏବେ କଳା ସପ୍ତାହ ଚାଲିଛି । ତେଣୁ ସମତେ କଳା ଜାମା ପିନ୍ଧିନ୍ତି । ପୁଣି ଆମ ଦରଜୀଙ୍କୁ ସୁଟ୍ ସିଲେଇ ଆସେନି । କିନ୍ତୁ ତୁମର ଏଇ ପରାମର୍ଶକୁ ମୁଁ ନିଶ୍ଚେ କାର୍ଯ୍ୟକାରୀ କରିବି, ଯାହା ହେଲେବି ସାରା ବିଶ୍ୱର ଅଧିପତିଙ୍କ କିଛି ସମ୍ମାନ ତ ଅଛି ।''

''କିନ୍ତୁ, ଭଗବାନ ଏ ଅକିଞ୍ଚନକୁ କାହିଁକି ଦର୍ଶନ ଦେଲେ?'' ଗୋଟାଏ ଅଟ୍ଟହାସ୍ୟ କରି ଯମରାଜ କହିଲେ, ''ବତ୍ସ ମୁଁ ତୁମର ମୃତ୍ୟୁର ଇଚ୍ଛା ପୁରଣ କରିବାକୁ ଆସିଛି । କୁହ ତୁମେ କେବେ ମୃତ୍ୟୁ ବରଣ କରିବାକୁ ଚାହଁ । ତଥାପି ମୁଁ ଜାଣିବାକୁ ଚାହେଁ ତୁମେ କାହିଁକି ମୃତ୍ୟୁବରଣ

ପାଇଁ ଏତେ ବ୍ୟାକୁଳ। ଗୋଟେ ବଡ ହାଇ ମାରି ଆଙ୍ଗୁଠିଯାକ ଫୁଟେଇ ମୁଁ ପୁଣି ଆରମ୍ଭକଲି- ଭଗବାନ ଆପଣ ଅନ୍ତର୍ଯ୍ୟାମୀ। ଆପଣଙ୍କୁ କଣ କିଛି ଅଛୁପା ଅଛି। ତଥାପି ଯେତେବେଳେ ଜାଣିବାକୁ ଚାହୁଁଛନ୍ତି ମୁଁ ନିଶ୍ଚେ କହିବି। ମୋ ଜୀବନର ଅତ୍ୟନ୍ତ ଦୁଃଖଭରା କାହାଣୀ। କଥା କ'ଣ କି ଭଗବାନ, ଯୁବକ ହେଲା ପରେ ମଧ୍ୟ ଏ ପର୍ଯ୍ୟନ୍ତ ମୁଁ ରୋଜଗାର କରିପାରୁନି। ଏ ଯୁଗରେ ଚାକିରୀ ଗୋଟେ ମିଳିବ ଭାରୀ କଷ୍ଟ। ଆପଣ ବା ଜାଣିବେ କେମିତି? ଘରେ ସମସ୍ତେ ଅଳସୁଆ କହି ଥଟ୍ଟା କରୁଛନ୍ତି। ତା'ଉପରେ ପୁଣି ମୋ ପ୍ରିୟତମା ସର୍ବଦା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରୁଛି ଓ ବୁଲାବୁଲି କରୁଛି। ପ୍ରଭୁ ବଡ କଷ୍ଟ ଲାଗୁଛି। ହଁ, ଆପଣ କିପରି ଜାଣିବେ। ଆପଣ ତ କେବେ କଲେଜ ଦୁଆର ମାଡି ନାହାନ୍ତି। ତଥାପି ଯଦି କେବେ ସମୟ ମିଳେ ତେବେ କାମଦେବଙ୍କୁ ପଚାରିବେ। ସେ'ତ ସବୁବେଳେ ଝିଅଙ୍କ ପଛରେ ତୀର ଧରି ବୁଲୁଥାନ୍ତି।

ଠିକ୍ ଅଛି ବତ୍ସ। ଯମରାଜ ଅଧାରୁ ମୋ କଥା କାଟିଦେଲେ। ତୁମେ ନାରୀ ମାନଙ୍କ କଥା କହି କାହିଁକି ମୋତେ ବିଚଳିତ କରୁଛ? ମୋତେ କେବଳ ଏତିକି କୁହ, ତୁମେ କେବେ ମରିବାକୁ ଚାହୁଁଛ? ଯମରାଜ ଅଧୈର୍ଯ୍ୟ ହୋଇ ପଚାରିଲେ। ଭଗବାନ ଅତି ଶୀଘ୍ର ମୋତେ ଏ ଯନ୍ତ୍ରଣାରୁ ମୁକ୍ତି ଦିଅନ୍ତୁ। କିନ୍ତୁ ପ୍ରଭୁ ଯମପୁରରେ ମୋ ରହିବାର ସମସ୍ତ ବ୍ୟବସ୍ଥା ଠିକ୍ ହେଲାଣି ତ? ଯମରାଜ ପୁଣି ବ୍ୟସ୍ତ ହୋଇ ପଚାରିଲେ, ''କି ବ୍ୟବସ୍ଥା ତୁମେ ଚାହଁ? ମୋ ଭକ୍ତ ମାନଙ୍କ ସମସ୍ତ ଇଚ୍ଛା ମୁଁ ପୂରଣ କରେ। ତୁମେ ଥରେ କୁହ।'' ଜନ୍ତୁପତିଙ୍କ ଆଶ୍ୱାସନା ପାଇ ମୋ ମନଟା କୁଣ୍ଢେ ମୋଟ ହୋଇଗଲା। କହିଲି, ''ପ୍ରଭୁ, ମୋ ପାଇଁ ଗୋଟାଏ ରଙ୍ଗୀନ ଟିଭିର ବ୍ୟବସ୍ଥା କରିଦିଅନ୍ତୁ। ଆଗକୁ ଇଣ୍ଡିଆ ପାକିସ୍ତାନ କ୍ରିକେଟ୍ ମ୍ୟାଚ୍ ଅଛି। ସେଠାରେ ଭଲ ପଡିଆଟାଏ ଥିଲେ ଭଲ ହୋଇଥାଆନ୍ତା। କ୍ରିକେଟ ଖେଳ ଜମିଯାଆନ୍ତା। ଭଗବାନ ମୁଁ ଖାଇସାରିବା ପରେ ସବୁବେଳେ ରସଗୋଲା ଗୋଟାଏ ଖାଏ। ହଁ ଭଗବାନ, ମୋ ନିମନ୍ତେ ଗୋଟେ ମୋବାଇଲ୍ ଫୋନ୍ ରଖିଥିବେ। ହଠାତ୍ ଯମରାଜ ଟେବୁଲ୍ ଉପରୁ ପାଣି ବୋତଲଟା ଉଠେଇ ଢକ ଢକ କରି ପିଇଗଲେ। କହିଲେ, ''ବତ୍ସ, ତୁମେ ଅତ୍ୟନ୍ତ ଲୋଭୀ ହୋଇ ଉଠୁଛ। ତଥାପି, ମୁଁ ଯେତେବେଳେ କହିଛି, ନିଶ୍ଚୟ ପୂରଣ କରିବି। କିନ୍ତୁ ଏ ସବୁ କରିବା ନିମନ୍ତେ ସମୟ ଆବଶ୍ୟକ। ଠିକ୍ ଅଛି ସବୁ ବ୍ୟବସ୍ଥା କରି ମୁଁ ଆସନ୍ତା କାଲି ତୁମକୁ ଯମପୁରକୁ ନେଇଯିବି। ଏତିକି କହି ଯମରାଜ ଅନ୍ତର୍ଦ୍ଧାନ ହୋଇଗଲେ।

କାଉ ରାବରେ ସକାଳୁ ନିଦ ଭାଙ୍ଗିଗଲା। ଆଃ, ମୁଁ ସ୍ୱପ୍ନ ଦେଖୁଥିଲି ନା ଏହା ସତ୍ୟ ଥିଲା। ନା, ନା ଏହା ନିଶ୍ଚୟ ସତ୍ୟ ଥିଲା। ନହେଲେ ଏ ମଇଁଷି ଗୋବର ଗନ୍ଧ କୁଆଡୁ ଆସୁଥିଲା। ଏତେବଡ ଭଗବାନ ହୋଇ ମଇଁଷିରେ ଆସୁଛନ୍ତି, ଲାଜ ଲାଗୁନି। ହେଲିକପ୍ଟର୍ ଗୋଟେ ଆଣିଥିଲେ ହୋଇନଥାନ୍ତା? ହଉମ, ମୋର ଯାଏ ଆସେ କେତେ? ଜୀବନର ଶେଷ ଦିନ ଜାଣି ଟିକେ ଦୁଃଖ ଆଉ ଟିକେ ଖୁସି ବି ଲାଗୁଥିଲା। ସଙ୍ଗେ ସଙ୍ଗେ ଗାଧୁଆ ପାଧୁଆ କରି ତୟାର ହୋଇଗଲି। ସବୁ ସାଙ୍ଗ ମାନଙ୍କ ସହ ଟିକେ ଟିକେ ସୁଖଦୁଃଖ ହେଇଯିବି। ଆଉ ସମୟ ମିଳିବ ନ ମିଳିବ କିଏ ଜାଣେ। ସେତେବେଳେ ସାଇକେଲ୍‌ର ଘଣ୍ଟି ଶୁଣି ବାହାରକୁ ଗଲି। ଦେଖିଲି ପୋଷ୍ଟମ୍ୟାନ ଆସିଛି। ହେଃ ମୋ ମୃତ୍ୟୁର ଚିଠି ଆଣିଛି ବୋଧହୁଏ। ପୋଷ୍ଟବାଲା ଗୋଟିଏ ରେଜିଷ୍ଟ୍ରି ଚିଠି ଦେଇ ଚାଲିଗଲା। ଚିଠି ଖୋଲି ଦେଖିଲି, ବ୍ୟାଙ୍କରେ ନିଯୁକ୍ତିର ସୂଚନା। ଧେତ୍ ଶଳା ମରିବା ଦିନ ହିଁ ଆସିବାର ଥିଲା? ହଉ ବେକାରିଆ ହୋଇ ମରିନିତ? ଯାଏ ସବୁ ସାଙ୍ଗଙ୍କୁ ଦେଖାଇ ଆସେ। ଘରୁ ବାହାରିଲା ବେଳକୁ ଫୋନ୍‌ଟା ରିଂ ହେଲା। ପୁଣି ରିସିଭରଟା ଉଠେଇ ଦେଖିଲି, ସେପାଖରୁ ସୁନ୍ଦର ନାରୀ କଣ୍ଠର ସ୍ୱର। କିଛି ଚିହ୍ନା ଚିହ୍ନା ଲାଗୁଛି। ଆରେ ହଁ ଏଇଟା ତ ମୋ ପ୍ରିୟତମାର ସ୍ୱର। ଅଳ୍ପ ସମୟ କଥା ହେବାପରେ କହିଲା, ''ଅରୁଣ ମୁଁ ତୁମକୁ ଭଲ ପାଏ। ତୁମର ଉତ୍ତର ମୋତେ ଆଜି ସନ୍ଧ୍ୟାରେ କହିବ।''

ଓଃ ଭଗବାନ ଏ କଣ ହେଉଛି ମୋ ସାଙ୍ଗରେ? ଜୀବନର ଶେଷଦିନରେ ଏତେ ମଧୁର ସ୍ୱପ୍ନ ସବୁ କାହିଁକି ଦେଖାଉଛ? ଦିନଯାକ ଚିନ୍ତାରେ କଟିଗଲା। ସନ୍ଧ୍ୟାଟା ଯେମିତି ଶୀଘ୍ର ଆସିଗଲା ପରି ଲାଗିଲା। ହଠାତ୍ ଯମରାଜ ମୋ



ସମ୍ମୁଖରେ ଉପସ୍ଥିତ ହେଲେ। ବୋଧହୁଏ ମୋ ଶେଷ ସମୟ ଆସିଗଲା। ଅଳ୍ପ ସମୟ ଚୁପ୍ ରହି ଯମରାଜ କହିଲେ ''ବତ୍ସ ତୁମ ଅଭିଳଷିତ ଟିଭି ଆଉ ମୋବାଇଲ୍‌ର ବ୍ୟବସ୍ଥା ହୋଇପାରିଲା ନାହିଁ। କିନ୍ତୁ ଆଶା କରୁଛି ଖୁବ୍ ଶୀଘ୍ର ସେ ସବୁର ବ୍ୟବସ୍ଥା ହୋଇଯିବ। ଯଦି ତୁମେ ତୟାର ଅଛ ଆଜି ହିଁ ତୁମକୁ ଯମପୁରକୁ ନେଇଯିବା ବ୍ୟବସ୍ଥା କରିଦେବି? ମନେ ମନେ ଆଶ୍ୱସ୍ତ ହେଲି। ଯାହାହେଉ ବଞ୍ଚିବାର ଆଉ ଏକ ମଉକା ମିଳିଗଲା। ଟିକେ ଦୁଃଖର ସହିତ କହିଲି, ''ହେ ଯମରାଜ, ଆପଣ ପ୍ରଥମେ ଏ ସବୁ ବସ୍ତୁର ବ୍ୟବସ୍ଥା କରନ୍ତୁ। ନହେଲେ ମୁଁ ସେଠି ଭଲରେ ଚଳିପାରିବି ନାହିଁ ଆଉ ଆପଣଙ୍କର ନାମ ଖରାପ ହେବ। ଲୋକ କହିବେ, ଯମରାଜ ପରି ଦେବତା ଭକ୍ତର ସାମାନ୍ୟ ଇଚ୍ଛା ପୂରଣ କରିପାରିଲେ ନାହିଁ।''

''ଯାହା ତୁମ ଇଚ୍ଛା।'' କହି ଯମରାଜ ଉଭେଇଗଲେ। ମନେ ମନେ ଭଗବାନଙ୍କୁ ଧନ୍ୟବାଦ ଦେଇ ଗୋଟାଏ ଗୋଲାପ ଫୁଲ ନେଇ ପ୍ରିୟତମାକୁ ଭେଟିବାକୁ ଚାଲିଗଲି। ଜୀବନର ପଂକ୍ଚର୍ ହୋଇଯାଇଥିବା ଚକାରେ ସତେ ଯେପରି କିଏ ହୱା ଭରି ଦେଇଥିଲା। ମ୍ଳାନ ପଡିଯାଇଥିବା ମନଟା ପୁଣି ଥରେ ବିହଙ୍ଗର ଡେଣା ଲଗେଇ ଆକାଶରେ ଉଡିବାକୁ ଲାଗିଲା।

ନିଜ ଦ୍ୱାରା ଲିଖିତ ଗଳ୍ପ ଓ କବିତା ଆମ ନିକଟକୁ ଲେଖି ପଠାନ୍ତୁ, ଆମେ ତାହାକୁ ଆମର ଏହି ପତ୍ରିକାରେ ନିଶ୍ଚୟ ପ୍ରକାଶିତ କରିବୁ।

**Contact:**
**dr.odia@gmail.com**

# ଶ୍ରୀ ଗଣେଶ ମ୍ୟାଜିକ୍

ସୃଷ୍ଟିର ଆଦ୍ୟ ଦେବତା ଭାବେ ପୂଜିତ ବିଘ୍ନନାଶକ ପ୍ରଭୁ ଶ୍ରୀ ଗଣେଶଙ୍କୁ କେବଳ ଭାରତରେ ନୁହେଁ, ବିଶ୍ୱସ୍ତରରେ ଆରାଧନା କରାଯାଉଛି । ଦୁଃଖର କଥା ଶ୍ରୀଗଣେଶ ଏବେ କେବଳ ପୂଜିତ ଭଗବାନ ହୋଇନାହାନ୍ତି ବିଶ୍ୱବଜାରରେ ପଣ୍ୟ ପାଲଟି ସାରିଛନ୍ତି । ଏ ସଂପର୍କରେ ଏକ ବିସ୍ତୃତ ଆଲେଖ୍ୟ ।




**ସୌଜନ୍ୟ: ଦି ହିକ୍**

**ଭାବାନୁବାଦ: ବାଣିଶ୍ରୀ ପଣ୍ଡା**

ସୃଷ୍ଟିର ଆଦ୍ୟ ଦେବତା ରୂପରେ ଗଣାନାଂ ଗଣପତି ଶ୍ରୀ ଗଣେଶ ପୂଜା ପାଇ ଆସୁଛନ୍ତି । ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀରେ ନିଜର ଅପରୂପ ମନଲୋଭା ଶରୀର ଧାରଣ କରି ସମଗ୍ର ଭାରତବର୍ଷରେ ପୂଜା ପାଇବାକୁ ଆସିଥାନ୍ତି ଏବଂ ତିନିଦିନ ଧରି ଏହି ଉତ୍ସବ ପାଳିତ ହେବା ପରେ ଅତି ଧୁମ୍ ଧାମ୍‌ର ସହିତ ତାଙ୍କୁ ଭକ୍ତମାନେ ଅତଳ ସମୁଦ୍ର ଗର୍ଭରେ ବିସର୍ଜନ କରାଇଥାଆନ୍ତି । ସକଳ ଲୋକଙ୍କୁ ସିଦ୍ଧି ପ୍ରଦାନ କରୁଥିବା ଏହି 'ସିଦ୍ଧି ବିନାୟକ' ସଂପ୍ରତି ପୂଜା ମଣ୍ଡପରୁ ବାହାରି ବ୍ୟବସାୟିକ, ରାଜନୈତିକ ଓ କଳାତ୍ମକ ପ୍ରତିଟି କ୍ଷେତ୍ରରେ ଏକ ଶୁଭ ସଂକେତ ରୂପରେ ଦୃଶ୍ୟମାନ ହେବା ପରିଲକ୍ଷିତ ହୋଇଛି । ଆଜିକାଲି ସେ ନିଜର ମହିମା ବର୍ଷର କେବଳ ଗୋଟିଏ ସମୟରେ ନୁହେଁ ବରଂ ସବୁ ସମୟରେ ଜାହିର କରୁଛନ୍ତି । କେତେବେଳେ କ୍ଷୀର ପାନ କରି ତ କେତେବେଳେ ଦେଶୀୟ ତଥା ଅନ୍ତର୍ଦେଶୀୟ ବଜାରରେ ନିଜ ପ୍ରତିକୃତିର ଚାହିଦା ବୃଦ୍ଧି କରି ଚର୍ଚ୍ଚାର ପରିସର ମଧ୍ୟରେ ଅଛନ୍ତି ।

ବିଘ୍ନହନ୍ତା ଲମ୍ବୋଦରଙ୍କ ବର୍ତ୍ତୁଳାକାର ଶରୀରରେ ଅନେକ ରଚନାତ୍ମକ ରୂପମାନ ପରିଲକ୍ଷିତ ହୋଇଥାଏ । କେତେବେଳେ ସେ ଶ୍ରଦ୍ଧାଳୁର ଭକ୍ତିରେ ତ କେତେବେଳେ ଏକ ସଂଗ୍ରାହକର ଦୁର୍ଲ୍ଲଭ ବସ୍ତୁ ରୂପେ । ଆଉ କେତେବେଳେ ଅର୍ଥ ଉପାର୍ଜନର ସାଧକ ସାଜି ତ କେତେବେଳେ ରାଜନେତାଙ୍କ ଶୁଭ ସଂକେତ ପ୍ରଦାନକାରୀ ଦେବତା ରୂପେ ସମସ୍ତଙ୍କ ଠାରେ ଆଦୃତ ହୋଇପାରିଛନ୍ତି ।

ବିଜ୍ଞତା, ବିଚକ୍ଷଣତା, ପାରଦର୍ଶିତା,




ବିଘ୍ନହନ୍ତା ଓ ଶୁଭପ୍ରଦାନକାରୀ ଏହି ବିଘ୍ନେଶ୍ୱର ହେଉଛନ୍ତି ସେହି ଦେବତା, ଯାହାଙ୍କୁ ପ୍ରତ୍ୟେକ ନୂତନ ଗୃହରେ ପ୍ରଥମେ ସ୍ଥାପନ କରାଯାଇଥାଏ । କୌଣସି ଶୁଭ ବା ମାଙ୍ଗଳିକ କାର୍ଯ୍ୟରେ ଗଣେଶଙ୍କ ପ୍ରାର୍ଥନା ବିନା ଅନୁକୂଳ ହୋଇ ନଥାଏ । ପ୍ରତ୍ୟେକଙ୍କ ଆଶା ଆକାଂକ୍ଷା ଓ ଅଭିଳାଷା ଗଣେଶ ବନ୍ଦନାକୁ ଅନୁକରଣ କରିଥାଏ ।

'ଓଁ' ଶବ୍ଦର ଆକୃତି/ ରୂପ ଧାରଣକାରୀ ଏହି ଦେବତା ଜଣଙ୍କ ଓଁକାର ନାମରେ ମଧ୍ୟ ଘରେ ଘରେ ପରିଚିତ । ତାଙ୍କର ହସ୍ତୀ ଶୁଣ୍ଢଧାରୀ ମସ୍ତକଟି ଭକ୍ତଙ୍କୁ ସ୍ୱର୍ଗରୂପକ ଆନନ୍ଦ ପ୍ରଦାନ କରିବା ସହିତ ବୁଦ୍ଧିମତା ତଥା ବିନମ୍ରତାର ପରିଚୟ ଦେଇଥାଏ । ଆଧିପତ୍ୟରେ ଗଜାନନ ସମସ୍ତ ଦେବତାଙ୍କ ଠାରୁ ଅଗ୍ରାଧିକାର ଲାଭ କରିଛନ୍ତି । କେବଳ ଭାରତରେ ନୁହେଁ ପଡୋଶୀ ରାଷ୍ଟ୍ର ମାନଙ୍କରେ ଯଥା ନେପାଳ, ଭୁଟାନ, ବାଙ୍ଗଲାଦେଶ୍, ତିବ୍‌ବତ୍, ଥାଇଲାଣ୍ଡ୍, ମିଆନ୍‌ମାର, ଚୀନ୍, ଜାପାନ୍, ଆଫଗାନିସ୍ଥାନ୍ ଓ ସମଗ୍ର ମଧ୍ୟ ଏସିଆର ଦେଶଗୁଡିକରେ ମଧ୍ୟ ଏହି ବର୍ତ୍ତୁଳାକାର ଦେବତା ନିଜର ପ୍ରସିଦ୍ଧି ଲାଭ କରିବାରେ ସଫଳ ହୋଇପାରିଛନ୍ତି ।

# ଶ୍ରୀ ଗଣେଶ ଏବେ ବ୍ରାଣ୍ଡ୍

ଗଣପତି ଗଣେଶ ଶ୍ରଦ୍ଧାଳୁର ହୃଦୟ ତଥା ଦେବାଳୟ ଛଡା ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ନିଜର ପ୍ରଭୁତ୍ୱ ବିସ୍ତାର କରିଛନ୍ତି । କେତେବେଳେ ଏକ କୁଣ୍ଡଳ ସାଜି ଷୋଳବର୍ଷୀୟ କଳାକାର ଗଳାରେ ଦୋଳାୟମାନ ଅବସ୍ଥାରେ ରହିଛନ୍ତି ତ କେତେବେଳେ ଚାବିରିଂଙ୍ଗ ରେ ଝୁଲୁଛନ୍ତି । ଆଉ କେତେକ ସ୍ଥାନରେ ମୃଣ୍ମୟ ମୂର୍ତ୍ତି ସାଜି ଉଦ୍ୟାନର ସୌନ୍ଦର୍ଯ୍ୟ ବର୍ଦ୍ଧିତ କରୁଛନ୍ତି ତ କେତେବେଳେ କର୍ପୋରେଟ୍ କାର୍ଯ୍ୟାଳୟ ଗୁଡିକରେ ସାଜସଜ୍ଜାର ସାମଗ୍ରୀ ରୂପେ ପ୍ରତୀୟମାନ ହୋଇଛନ୍ତି ।



ଭାରତର ଏହି ପରଂପରାଗତ ସମସାମୟିକ ପ୍ରତିମୂର୍ତ୍ତିଟି ଭାରତ ସମେତ ସମଗ୍ର ବିଶ୍ୱ ବଜାରରେ ନିଜର ପ୍ରଭୁତ୍ୱ ବିସ୍ତାର କରି ଅନ୍ତର୍ଦେଶୀୟ ବ୍ୟବସାୟୀଙ୍କୁ ଆକୃଷ୍ଟ କରିପାରିଛନ୍ତି ।



ସମଗ୍ର ଭାରତର ପ୍ରତ୍ୟେକ କୋଣରେ ମୁଖ୍ୟତଃ ଉପହାର ଦୋକାନ ଗୁଡିକରେ (ଗିଫ୍ଟ ସେଣ୍ଟର୍) ପଲିଷ୍ଟୋନ୍, କ୍ରିଷ୍ଟାଲ୍ ଓ ପଲିରେଜିନ୍‌ର ବିଭିନ୍ନ ଚାଇନା ନିର୍ମିତ ମୂର୍ତ୍ତିମାନ ଦେଖିବାକୁ ମିଳୁଛି। ଭାରତର ଆଧ୍ୟାତ୍ମିକ ପରିବେଶକୁ ଆଖି ଆଗରେ ରଖି ଚୀନ ବ୍ୟବସାୟୀମାନେ ନିଜର ବ୍ୟବସାୟକୁ ବୃଦ୍ଧି କରିବାରେ ଲାଗିଛନ୍ତି। ଭାରତୀୟ ପୂଜା ଉତ୍ସବ ଗୁଡିକରେ ଏହି ବଜାରଟି ଅଧିକ ସକ୍ରୀୟ ହୋଇଥାଏ। ସେମାନଙ୍କ ବ୍ୟବସାୟର ମୂଳ ସାଧକ ହେଉଛନ୍ତି ଭାରତର ଦେବୀ-ଦେବତାଗଣ ଏବଂ ଏମାନଙ୍କ ମଧ୍ୟରେ ଗଣେଶ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଗଣେଶ ଉତ୍ସବ ସମୟରେ ଏହି ବ୍ୟବସାୟୀ ମାନେ ମୁମ୍ବାଇ ବଜାରରେ ପଦାର୍ପଣ କରିଥାନ୍ତି। ଏଠାକାର ଭାରତୀୟ ହୋଲ୍‌ସେଲ୍‌ର (ପାଇକାରୀ ବିକ୍ରେତା) ମାନଙ୍କ ସହିତ ବ୍ୟବସାୟିକ ସଂପର୍କ ସ୍ଥାପନ କରିଥାଆନ୍ତି। ଏଥିପାଇଁ ସେମାନଙ୍କୁ ୨୦୦ରୁ ଅଧିକ ଡିଜାଇନ୍ ସହିତ ୨୦ ଜଣ ଶିଳ୍ପୀଙ୍କ ସହ ଯୋଗସୂତ୍ର ସ୍ଥାପନ କରିବାକୁ ପଡିଥାଏ ବୋଲି କହନ୍ତି କନୌଜ ସ୍ଥିତ 'ୱିଲିୟମ୍ ଆର୍ଟ ଏଣ୍ଡ୍ କ୍ରାଫ୍ଟର' ମାଲିକ। ପ୍ରତି ମାସରେ ସେମାନେ ନୂତନ ଡିଜାଇନ୍ ପ୍ରସ୍ତୁତ କରିଥାଆନ୍ତି। ଚୀନ ପ୍ରସ୍ତୁତ ସାମଗ୍ରୀର ମୁଖ୍ୟ ବଜାର ହେଉଛି ଜର୍ମାନୀ, ସିଙ୍ଗାପୁର୍, କୋରିଆ, ମାଲେସିଆ, ମେକ୍ସିକୋ, କାନାଡା, ଆମେରିକା ଓ ବ୍ରିଟେନ୍। ଏଥିରୁ ଜଣାଯାଉଛି ଯେ ସମସ୍ତ ବାଧାବିଘ୍ନର ନାଶକ ଏହି ବିଘ୍ନନାଶକ କେବଳ ଭାରତରେ ନୁହେଁ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶ ମାନଙ୍କରେ ମଧ୍ୟ ଲୋକପ୍ରିୟତା ହାସଲ କରିବାରେ ଅନ୍ୟଦେବତାଙ୍କ ଠାରୁ ଆଗରେ ଅଛନ୍ତି।

ଏହି ଗଣେଶ ଉଦ୍ୟୋଗ ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତିଙ୍କ ଅର୍ଥ ଉପାର୍ଜନର ଏକ ଉତ୍ତମ ଓ ବିଶ୍ୱାସଯୋଗ୍ୟ ମାଧ୍ୟମ। ଏକଦା ରୂପା ନିର୍ମିତ ଅଳଙ୍କାର ଦ୍ୱାରା ଭାରତୀୟ ଗ୍ରାହକଙ୍କୁ ନିଜ ଆଡକୁ ଆକର୍ଷିତ କରୁଥିବା ଦେଢ଼ଶହ ବର୍ଷ ତଳର ଲଣ୍ଡନ୍‌ସ୍ଥିତ ଜର୍ମାନ କଂପାନୀ, ଫ୍ରେଜର୍ ଏଣ୍ଡ ହଜ୍ ର ସର୍ବୋଚ୍ଚ ବିକ୍ରୟ ତାଲିକାରେ ଅଧିକ





ଡିଜାଇନଯୁକ୍ତ ଗଣେଶ ପ୍ରତିକୃତି ଗୁଡିକ ସ୍ଥାନ ପାଇଛି। ସ୍ପେନ୍‌ର ଷାଠିଏ ବର୍ଷତଳର କଂପାନୀ ସୋହର। ଜିନ୍ଦଲ୍ ଆର୍ଟ ଗ୍ଲାସ ସହ ମିଳିତ ହୋଇ ୨୦୦୩ ମସିହା ଦୀପାବଳିଠାରୁ ଗଣେଶ ମୂର୍ତ୍ତି ତିଆରି କରିବାରେ ଲାଗିଛି। ଉକ୍ତ କଂପାନୀ ଦ୍ୱାରା ନିର୍ମିତ ମାର୍ବଲ୍ ଉପରେ ଅବସ୍ଥାପିତ ସାଢେ ତିନି ଫୁଟ୍‌ର ଉଚ୍ଚତା ବିଶିଷ୍ଟ ଏକ ଗଣେଶ ମୂର୍ତ୍ତିର ମୂଲ୍ୟ ହେଉଛି, ୧,୫୧,୦୦୦। ଏହାର ଅନୁପମ ସୌନ୍ଦର୍ଯ୍ୟ ଯୋଗୁଁ ଗ୍ରାହକଙ୍କ ନିକଟରେ ଆଦୃତ ହୋଇଥିଲା।

ଆଜିକାଲି ପୁନଃ ବିକ୍ରୟ କେନ୍ଦ୍ରରେ ୨୪ କ୍ୟାରେଟ୍ ଯୁକ୍ତ ସୁନା ଗଣେଶ ମୂର୍ତ୍ତିର ଚାହିଦା ବଢିବାରେ ଲାଗିଛି। ଲିନିଆ ଆର୍ଜେଣ୍ଟିନା ନାମକ ଇଟାଲୀର ଏକ କଂପାନୀ ପ୍ରଥମେ ରୂପା ଓ ସ୍ୱରୋଭସ୍କି କ୍ରିଷ୍ଟାଲ୍ ଖଚିତ ୨୫୦ଟି ଗଣେଶ ମୂର୍ତ୍ତି ବଜାରକୁ ଛାଡିଥିଲା, କ୍ରମେ ତା'ର ଚାହିଦା ବଢିବାରୁ ଏହି କଂପାନୀ ପୁନଶ୍ଚ ଦୁଇଫୁଟ୍ ଉଚ୍ଚତା ବିଶିଷ୍ଟ ବିନାୟକ ମୂର୍ତ୍ତି ବଜାରକୁ ଛାଡିଲା ଯାହାର ପାରଂପରିକ ବ୍ୟବସାୟୀକ ମୁଲ୍ୟ ୧,୮୫,୦୦୦ ଥିଲା। ଲାଡ୍ରୋ କଂପାନୀର ଚିନା ମାଟି ନିର୍ମିତ ଏହି ମୂର୍ତ୍ତିଗୁଡିକ ଚଉଷଠି ହଜାର ଟଙ୍କାରେ ମିଳୁଥିବା ବେଳେ ଏକ ବର୍ଷ ମଧ୍ୟରେ ଏହାର ମୂଲ୍ୟ ତିନି ଲକ୍ଷକୁ ବୃଦ୍ଧି ପାଇଛି। କ୍ରିଷ୍ଟାଲ୍ ନିର୍ମିତ ଗଣେଶ ମୂର୍ତ୍ତିଗୁଡିକର ମୂଲ୍ୟ ୪୦ କୋଟି ହୋଇଥିବା ବେଳେ ସେକେଣ୍ଡାରୀ ମାର୍କେଟରେ ଏହାର ଦାମ ୧୫ କୋଟି ଟଙ୍କା।

୧୯୯୯ ମସିହାରେ ଏହି ଦେବତାଙ୍କ ବ୍ୟବସାୟିକ ମୂଲ୍ୟର ପରିମାଣ ତିନି ଲକ୍ଷ ଥିବା ବେଳେ; ମାତ୍ର ସାତ ବର୍ଷ ମଧ୍ୟରେ ଏହା ସାତ ଲକ୍ଷକୁ ବୃଦ୍ଧି ପାଇଛି। ସାଧାରଣତଃ କ୍ରିଷ୍ଟାଲ୍ ନିର୍ମିତ ଗଣେଶ ମୂର୍ତ୍ତିଗୁଡିକ ବଜାରରେ ବ୍ଲୁ-ଚିପ୍ ସଦୃଶ୍ୟ କାମ କରିଥାଆନ୍ତି। ଏହି ପରିପ୍ରେକ୍ଷୀରେ ଫ୍ରାନ୍‌ସର ଦମ୍ ନାମକ ଏକ କଂପାନୀ ୧୯୯୯ରେ ବିଭିନ୍ନ ରଙ୍ଗର କ୍ରିଷ୍ଟାଲ୍



ନିର୍ମିତ ମୂର୍ତ୍ତିଗୁଡିକୁ ବଜାରକୁ ଛାଡିଥିଲା, ଉକ୍ତ କଂପାନୀର ଏକ ୧୩ ଇଞ୍ଚ ବିଶିଷ୍ଟ କ୍ରିଷ୍ଟାଲ୍ ଗଣେଶଙ୍କୁ ୨୧,୦୦୦ ଟଙ୍କା ମୂଲ୍ୟରେ, ଦୁଇ ଇଞ୍ଚର ମୂର୍ତ୍ତିକୁ ୧୦,୦୦୦ ଏବଂ ଚାରିରଙ୍ଗ ବିଶିଷ୍ଟ ସାତ ଇଞ୍ଚର ଏକ ଦଣ୍ଡାୟମାନ ଗଣେଶ ମୂର୍ତ୍ତିକୁ ୨୫ ରୁ ୩୦ ହଜାର ମଧ୍ୟରେ ବିକ୍ରି କରାଯାଇଥିଲା । ଏହି କଂପାନୀର କେତୋଟି ମୂଲ୍ୟବାନ, ମନଲୋଭା ପ୍ରତିମୂର୍ତ୍ତି ଭାରତୀୟ ସିନେଜଗତର କିମ୍ବଦନ୍ତୀ ପୁରୁଷ ଅମିତାଭ ବଚ୍ଚନଙ୍କ ଭଳି କେତେକ ଯଶସ୍ୱୀ ବ୍ୟକ୍ତିଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାରେ ସଫଳ ହୋଇଛି ବୋଲି ଦମ୍ କର୍ମଚାରୀ ପ୍ରୀକୁ ମେହେତା କହିଛନ୍ତି ।





କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ଗଣେଶଙ୍କ ଅନୁରାଗାସ୍ପଦ ବସ୍ତୁର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ମୂଲ୍ୟବାନ ଧାତୁ ତଥା କ୍ରିଷ୍ଟାଲ୍ ନିର୍ମିତ ଏହି ବିନାୟକ ମୂର୍ତ୍ତିଗୁଡିକର ଚାହିଦା ଆମେରିକା, ବ୍ରିଟେନ୍, ଓ ଦକ୍ଷିଣ ଆଫ୍ରିକାର ବଜାରରେ ବହୁଳ ପରିମାଣରେ ଦେଖିବାକୁ ମିଳିଥାଏ । ଯେଉଁଠାରେ ନିୟମିତ ଭାବେ ଭାରତୀୟ ପର୍ବପର୍ବାଣୀଗୁଡିକୁ ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟମାନେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି ।

'ବୃହତ୍ ମୁମ୍ବଇ ସାର୍ବଜନୀନ ଗଣେଶ ଉତ୍ସବ ସମିତି'ର ସଭାପତି ପାଣ୍ଡୁରଙ୍ଗ ଯାଦବଙ୍କ କହିବା ଅନୁସାରେ ଗଣେଶ ଚତୁର୍ଥୀ ହେଉଛି ମହାରାଷ୍ଟ୍ରର ଏପରି ଏକ ଉତ୍ସବ ଯେଉଁ ସମୟରେ ସହରରେ ଚାରିଆଡେ ବୃହତ ଧରଣର ମଣ୍ଡପମାନ ସୃଷ୍ଟି ହେବା ସହ ବଡବଡ ଗଣେଶ ମୂର୍ତ୍ତିମାନ ସ୍ଥାପନ କରାଯାଇ ଥାଏ । ଏହି ସମସ୍ତ ସାଜସଜ୍ଜା ବ୍ୟବସାୟରେ ମୁମ୍ବଇର ପ୍ରାୟ ୧୦ହଜାର ଗଣେଶ ମଣ୍ଡପ ସାମିଲ୍ ଅଛି, ଯେଉଁମାନେ ଚତୁର୍ଥୀ ସମୟରେ ଗଣେଶଙ୍କ ଶୋଭାଯାତ୍ରାର ସମସ୍ତ ଦାୟୀତ୍ୱ ବହନ କରିଥାଆନ୍ତି । ଗଣେଶ ମଣ୍ଡପ ଗୁଡିକରେ ସ୍ଥାପିତ ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍‌ର ମୂର୍ତ୍ତି ଗୁଡିକ ଏହାର କାରିଗରମାନଙ୍କ ପାଇଁ ଅର୍ଥ ଉପାର୍ଜନର ଏକ ଉତ୍ତମ ସାଧନ ପାଲଟି ଯାଆନ୍ତି । ଆଜିକାଲି ଅନେକ ମୂଲ୍ୟବାନ ଧାତୁ ତଥା ରୂପା ନିର୍ମିତ ଗଣେଶଙ୍କ ପ୍ରତିକୃତି ବାହାଘର ନିମନ୍ତ୍ରଣ କାର୍ଡ ଗୁଡିକରେ ଦେଖିବାକୁ ମିଳୁଛି । ଏହି ଛାପିବା ବ୍ୟବସାୟରେ ମୁମ୍ବଇର ଜାଭେରୀ ବଜାରରେ ବର୍ତ୍ତମାନ ଏକ ଲାଭଜନକ ବ୍ୟବସାୟ ରୂପେ ମୁଣ୍ଡ ଟେକିଛି । ଏଠାରେ ୧୬ ହଜାର ରୂପଧାରୀ ବିଭିନ୍ନ ରକମର ଗଣେଶଙ୍କ ପ୍ରତିଛବି ନିମନ୍ତ୍ରଣ କାର୍ଡ ଗୁଡିକରେ ଦେଖିବାକୁ ମିଳିଥାଏ । ଏହି ପୂଜା ସମୟରେ ମୂର୍ତ୍ତିକାରିଗର ମାନଙ୍କ ସହ ବିଭିନ୍ନ ମିଷ୍ଟାନ୍ନ ଭଣ୍ଡାର ତଥା ଗିଫ୍‌ଟ ସେଣ୍ଟର ଗୁଡିକରେ ନାହିଁ ନଥିବା ଭିଡ ଦେଖିବାକୁ ମିଳେ । ଯାହାଦ୍ୱାରା ବଜାରରେ ଉପଲ୍‌ବ୍ଧ ହେଉଥିବା 'ବ୍ରାଣ୍ଡ୍ ଗଣେଶ'ଙ୍କ ବ୍ୟବସାୟରେ ଆହୁରି ୭୫ରୁ ୧୦୦ କୋଟି ପରିମାଣ ଯୋଗ ହୋଇଥାଏ । ଏହି ବ୍ୟବସାୟରେ ସଂଶ୍ଳିଷ୍ଟ ହୋଇଥିବା ୫ ଲକ୍ଷ ବ୍ୟକ୍ତିଙ୍କ ପୂଜା ସମୟରେ ପ୍ରାୟ ଶହେ କୋଟିରୁ ଅଧିକ ଆୟ ବୋଲି ଅନୁମାନ କରାଯାଉଛି ।

ତେଣୁ ଗଣେଶ ଉତ୍ସବ ଧନୀ ଗରୀବ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଆନନ୍ଦର ଉତ୍ସ ନେଇ ଆସିଥାଏ । ପିଲାଙ୍କ ଠାରୁ ଆରମ୍ଭକରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହି ଉତ୍ସବରେ ଯୋଗଦାନ କରି ଆନନ୍ଦିତ ହୋଇଥାନ୍ତି । ବଜାରରେ ଉପଲ୍‌ବ୍ଧ ହେଉଥିବା କ୍ରିଷ୍ଟାଲ୍ ନିର୍ମିତ ଗଣେଶ ମୂର୍ତ୍ତିଗୁଡିକ ସହରାଞ୍ଚଳର ଯୁବଗୋଷ୍ଠୀଙ୍କୁ ଅଧିକ ଆକୃଷ୍ଟ କରିଥାଏ । ସେମାନଙ୍କଠାରେ ସେ 'ଗୋବର ଗଣେଶ' ନାମରେ ଖ୍ୟାତି ପାଇଥାନ୍ତି । ଏହି ଦେବତା ଜଣକ ବୟସର କୌଣସି ସୀମା ଧାର୍ଯ୍ୟ ହୋଇଯାଇନଥିବାରୁ ସେ ସମସ୍ତଙ୍କର ପ୍ରିୟଭାଜନ ପାଲଟି ଯାଇଛନ୍ତି ।





ଏହି ଦେବତା ଜଣକ କେବଳ ଭାରତୀୟ ବଜାରରେ ନିଜର ପ୍ରସିଦ୍ଧିକୁ ସୀମିତ କରି ରଖିନାହାନ୍ତି, ରାଜନୀତିରେ ମଧ୍ୟ ନିଜର କାୟା ବିସ୍ତାର କରିବାରେ ସଫଳ ହୋଇପାରିଛନ୍ତି ।


ମହାରାଷ୍ଟ୍ରର ପ୍ରତ୍ୟେକ ରାଜନେତା ନିଜର ମନୋନୟନ ପତ୍ର ଦାଖିଲ୍ କରିବା ପାଇଁ ଗଣେଶଙ୍କ ଆଶୀର୍ବାଦ ଲାଭ କରିବା ପାଇଁ



ମୁମ୍ବଇ ସ୍ଥିତ ବିଶ୍ୱ ପ୍ରସିଦ୍ଧ 'ସିଦ୍ଧି ବିନାୟକ' ମନ୍ଦିରକୁ ଯିବାକୁ ଭୁଲି ନଥାନ୍ତି। ସ୍ୱାଧୀନତାର ବହ୍ନି ଲୋକଙ୍କ ମନରେ ଜାଗ୍ରତ କରାଇବା ପାଇଁ ଏକଦା ମହାନ ନେତା ବାଲ୍ ଗଙ୍ଗାଧର ତିଳକ୍ ମୁମ୍ବଇରେ ଗଣେଶ ଉତ୍ସବର ଆୟୋଜନ କରାଇଥିଲେ। ସଂପ୍ରତି ଏହା ରାଜନେତାଙ୍କ ପାଇଁ ପ୍ରଚାରର ଏକ ଉତ୍ତମ ସଭା ମଞ୍ଚ ପାଲଟିଛି। ପୂଜା ସମୟରେ ବିଭିନ୍ନ ଲୋକଙ୍କ ସମ୍ମୁଖକୁ ଆଣିବା ପାଇଁ ଏହି ନେତାମାନେ ମଣ୍ଡପ ପାଇଁ ଅନୁଦାନ ଦେବାକୁ ଭୁଲନ୍ତି ନାହିଁ। ଅଧିକାଂଶ ନେତା ରାଜନୀତିରେ ଗୌଣ ହୋଇ ପଡିବାପରେ ଉତ୍ସବ ଗୁଡିକରେ ଲୋକଙ୍କ ସମ୍ମୁଖରେ ଉପସ୍ଥାପନା କରି ନିଜର ପ୍ରଭାବ ଜାହିର କରିବାକୁ ଭୁଲନ୍ତି ନାହିଁ। ନିକଟରେ ଶିବସେନାରୁ ଓହରିଯାଇଥିବା ଏହାର ପ୍ରମୁଖ ସଭ୍ୟ ରାଜ୍ ଥାକରେ ନିଜର ନୂତନ ଦଳ ଗଢିବା ପୂର୍ବରୁ ସିଦ୍ଧି ବିନାୟକ ମନ୍ଦିର ଯିବାର ସୂଚନା ମିଳିଛି। ସଂପ୍ରତି ଏହି ଗଣେଶ ମଣ୍ଡପ ଗୁଡିକରେ ରାଜନୀତିରେ ଉଚ୍ଚାକାଂକ୍ଷା ରଖୁଥିବା ଯୁବପିଢିଙ୍କ ପାଇଁ ଜନଶକ୍ତି ପରିଚାଳକ ତଥା ଅନୁଦାନ ସଂଗ୍ରହ କରିବାର ଏକ ଉତ୍ତମ କେନ୍ଦ୍ର ସ୍ଥଳରେ ପରିଗଣିତ ହେଉଛି। ଆଧୁନିକ ରାଜନେତା ମାନେ ଏହି ଉତ୍ସବକୁ ଅଭିନବ ପ୍ରଚାର ଶୈଳୀର ମାଧ୍ୟମ ଧରି ନେଇଛନ୍ତି।

କଂଗ୍ରେସ୍ ସଭ୍ୟ ସୁରେଶ କାଲ୍ମାଡିଙ୍କ ଦ୍ୱାରା ଆୟୋଜିତ ମହାରାଷ୍ଟ୍ରର ଗଣେଶ ଉତ୍ସବ ସହିତ ସାମଞ୍ଜସ୍ୟ ରହୁଥିବା, ପୁନେ ଉତ୍ସବକୁ ନଗର ଉତ୍ସବର ମାନ୍ୟତା ଦେଇ ନିଜର ଲୋକପ୍ରିୟତା ବୃଦ୍ଧି କରିପାରିଥିଲେ। କିଛି ବର୍ଷତଳେ ପୁନେ କଂଗ୍ରେସ୍ର କିଛି କାଲମାଡି ବିରୋଧୀ ଗୋଷ୍ଠୀ ସମାନ ଭାବେ ଗଣେଶ ଉତ୍ସବକୁ ଅନ୍ୟ ଏକ ଜନୋତ୍ସବର ନାମ ଦେଇ ଏହା ସବୁ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଚାର କରିବା ସହ କାଲ୍ମାଡିଙ୍କ ନଗର ଉତ୍ସବକୁ କେବଳ ଧନୀକ ପାଇଁ ଉଦ୍ଦିଷ୍ଟ ବୋଲି ନାରା ଲଗାଇଥିଲେ।

ଆହୁରି ମଧ୍ୟ ଦେଖାଯାଇଛି, ଯେ ବିଜେପି ଓ ଶିବସେନାର ମିଳିତ ଗୋଷ୍ଠୀ ସରକାରରେ ଥିବା ସମୟରେ ମହାରାଷ୍ଟ୍ରର






ଗଣେଶ ମଣ୍ଡପଗୁଡିକ ଏହି ଉତ୍ସବ ସମୟରେ ଉତ୍ତମ ଅନୁଦାନ ପ୍ରାପ୍ତ କରିଥାଆନ୍ତି। ବର୍ତ୍ତମାନ ଶିବସେନା ପ୍ରଭାବହୀନ ହେବା ପରେ ଜାତୀୟ କଂଗ୍ରେସ୍ ଦଳ ଏହି ମଣ୍ଡପ ଗୁଡିକରେ ନିଜର ପ୍ରଭୁତ୍ୱ ବିସ୍ତାର କରିବାରେ ଲାଗିଛି।

ସଂପ୍ରତି ରାଜନେତାଙ୍କୁ ଛାଡି କୁଖ୍ୟାତ ଅପରାଧୀମାନେ ମଧ୍ୟ ଏହି ଉତ୍ସବକୁ ନିଜର ଇମେଜ୍କୁ ସୁଧାରିବା ପାଇଁ ବ୍ୟବହାର କରୁଥିବା ଦେଖାଯାଇଛି। ମୁମ୍ବଇର ମାଟୁଙ୍ଗାଠାରେ ଦକ୍ଷିଣ ଭାରତର ଏକ କୁଖ୍ୟାତ ଅପରାଧୀ ଦ୍ୱାରା ଆୟୋଜିତ ହେଉଥିବା ଗଣେଶ ଉତ୍ସବ ତା' ମୃତ୍ୟୁପରେ ବି ମୁମ୍ବଇ ବାସୀଙ୍କ ମନରେ ଅବିସ୍ମରଣୀୟ ହୋଇ ରହିଯାଇଛି। ନିକଟରେ ତିଳକ ନଗର ସ୍ଥିତ ସହ୍ୟାଦ୍ରି ଗଣେଶମଣ୍ଡପ ସହିତ କୁଖ୍ୟାତ ଡନ୍ ଛୋଟା ରାଜନ ଜଡିତ ଥିବା ଚର୍ଚ୍ଚା ହୋଇଥିଲା।

ତେଣୁ ଏହି ବିଘ୍ନବିନାଶକ ଗଣେଶ ସମସ୍ତଙ୍କ ପାଇଁ ଭାଗ୍ୟ ଖୋଲିଯିବାର ମାଧ୍ୟମ ପାଲଟି ଯାଇଛନ୍ତି।

ବ୍ୟବସାୟ ଓ ରାଜନୀତିକୁ ବାଦ୍ ଦେଲେ ଆଦିମ ଯୁଗରୁ ଭାରତୀୟ କଳା ଓ ସଂସ୍କୃତି କ୍ଷେତ୍ରରେ ଶ୍ରୀ ଗଣେଶଙ୍କର ପ୍ରଭାବ ଅନୁଭୂତ ହୋଇ ଆସିଛି। କୌଣସିଟି ଶୁଭ କାର୍ଯ୍ୟ କରିବା ପୂର୍ବରୁ ବିନାୟକଙ୍କୁ ଅର୍ଘ୍ୟାର୍ପଣ କରାଯାଇଥାଏ। ଶତାବ୍ଦୀର ପ୍ରଥମ ଶ୍ଳୋକ ଭାବେ ଆଦି ଶଙ୍କରାଚାର୍ଯ୍ୟଙ୍କର ସଂସ୍କୃତ ଲିଖିତ, ଗଣେଶ ପଞ୍ଚତନ୍ତ୍ରମ୍ ଆଦ୍ୟ ସ୍ତୋତ୍ର ଭାବେ ଆବାହନ କରାଯାଇଥାଏ। ବିଭିନ୍ନ ଦେବାଳୟ ପୂଜା ମଣ୍ଡପ ମାନଙ୍କରେ ଗଣେଶଙ୍କୁ ଅର୍ଘ୍ୟ ପ୍ରଦାନ ଉଦ୍ଦେଶ୍ୟରେ ନାନା ପ୍ରକାର ସଂସ୍କୃତ ଗ୍ରନ୍ଥମାନ ରଚିତ ହୋଇଛି। ସେମାନଙ୍କ ମଧ୍ୟରେ, ଗଣେଶ ଅସ୍ତୁଭ,

ଗଣେଶ ସହସ୍ରନାମ, ବାତାପି ଗଣପତିମ୍ ଭଜେ ଅନ୍ୟତମ।

ଭାରତୀୟ ଆଦିବାସୀ କଳା ଓ






ସଂସ୍କୃତିରେ ମଧ୍ୟ ଗଣେଶ ଭକ୍ତିର ଛାପ ଦେଖିବାକୁ ମିଳିଥାଏ। ସ୍ଥାପତ୍ୟ କଳାଠାରୁ ଆରମ୍ଭକରି ଦର୍ପଣ କଳା ପର୍ଯ୍ୟନ୍ତ ଏବଂ ଟେରାକୋଟା, ଡୋକରା ଶିଳ୍ପ ଠାରୁ ଆରମ୍ଭକରି ଦକ୍ଷିଣ ଭାରତର କାଠ ଶିଳ୍ପ, ସବୁଠାରେ ଏହି ସିଦ୍ଧି ବିନାୟକଙ୍କ ଲୋକପ୍ରିୟତା ପ୍ରତୀୟମାନ ହେଉଛି। କୁରୁଦୁମେଲ୍ ମନ୍ଦିରସ୍ଥ ଶ୍ରୀ ଗଣପତିଙ୍କ ମୃଣ୍ମୟ ମୂର୍ତ୍ତି ଓ କାଭିଭାଲ୍ ମୁରାଲ୍ଠାରେ ଥିବା କାଷ୍ଠ ନିର୍ମିତ ଏକ ଅଶ୍ୱାରୋହୀ ଗଣେଶ ମୂର୍ତ୍ତି ବର୍ତ୍ତମାନ ସୁଦ୍ଧା ମଧ୍ୟପ୍ରଦେଶର ଆଦିବାସୀ ମାନେ ପୂଜା କରୁଛନ୍ତି। ତାମିଲ୍ ନାଡୁ ଓ କର୍ଣ୍ଣାଟକର ପାରଂପରିକ କାରିଗରମାନଙ୍କ



ଦ୍ୱାରା ଚନ୍ଦନ କାଠରେ ନିର୍ମିତ ଗଣେଶ ମୂର୍ତ୍ତି ଆମ ଶ୍ରୀ ମନ୍ଦିରରେ ଦେଖିବାକୁ ମିଳେ। ଏହି ଶିଳ୍ପୀ ମାନେ ପୁରାଣରେ ବର୍ଣ୍ଣିତ ଗଣେଶଙ୍କ ଏକ ହଜାର ଏକ ନାମକୁ ନିଜ ଶିଳ୍ପ ମୂନରେ ଅତି ସୁନ୍ଦର ଓ ମନୋଜ୍ଞ ଭାବରେ ଫୁଟାଇଛନ୍ତି।

ଭାରତୀୟ ନାଟ୍ୟଶାସ୍ତ୍ରରେ ମଧ୍ୟ ଗଣେଶଙ୍କ ବିଭିନ୍ନ ମୁଖଭଙ୍ଗୀକୁ ଅନୁସୃତ କରାଯାଇଛି। ଏମାନଙ୍କ ମଧ୍ୟରେ ଷୋଡରୂପୀ ଷୋଡଶା ଗଣେଶଙ୍କ ମୁଖଭଙ୍ଗୀ ତଥା ଭାରତୀୟ ପ୍ରତିମା କଳାରେ ବର୍ଣ୍ଣିତ ପୀତବର୍ଣ୍ଣ ନିତ୍ୟଗଣପତିଙ୍କର ଏକପାଦ ନୃତ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଓ ମନୋମୁଗ୍ଧକର।



ପ୍ରତ୍ୟେକ ସଂଗୀତ ଓ ନୃତ୍ୟ ଅଭିନୟ ଆରମ୍ଭ ପୂର୍ବରୁ ଗଣେଶଙ୍କୁ ପୂଜା କରାଯାଇଥାଏ। ନଟରାଜ ନୃତ୍ୟର ଦେବତା ଓ ଶ୍ରୀ କୃଷ୍ଣ ନୃତ୍ୟପ୍ରେମୀମାନଙ୍କ ପ୍ରିୟପାତ୍ର ହେଲେ ମଧ୍ୟ ଶ୍ରୀ ଗଣେଶ ଶାସ୍ତ୍ରୀୟ ନୃତ୍ୟ ଓ ନାଟ୍ୟଶାସ୍ତ୍ରରେ ନିଜର ସ୍ଥିତି କାଏମ୍ ରଖିପାରିଛନ୍ତି। ପାରଂପରିକ ଭାଗବତ ମେଳା ଓ ଟେରୁ କୋଟୁ ଭଳି



ପୌରାଣିକ ଗୀତିନାଟ୍ୟ ଗୁଡିକରେ କଳାକାର ମାନେ ବିଘ୍ନେଶ୍ୱରଙ୍କ ଚରିତ୍ର ଅଭିନୟ କରିବାର ଦେଖାଯାଇଛି।

ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ଧରୋହର ଗଣେଶ ଶ୍ଳୋକ। ହିନ୍ଦୁ ଧର୍ମର ପ୍ରଥମ ଶ୍ଳୋକ ଭାବରେ, ଗଣପତେୟମ୍ ହେଉଛି ମୁଖ୍ୟ। ପୁରାଣରେ ରଚିତ ବିଭିନ୍ନ ଗଣେଶ ଗାଥା ଗୁଡିକ ଅନେକ ଗୀତିକାର ଓ ନୃତ୍ୟଶିଳ୍ପୀ ମାନଙ୍କ ପାଇଁ ଅନୁପ୍ରେରଣାର ଉତ୍ସ ହୋଇଛି। ବିଶ୍ୱ ପ୍ରସିଦ୍ଧ ଭାରତ ନାଟ୍ୟମ୍ ନୃତ୍ୟରେ ଗଣେଶଙ୍କ ବନ୍ଦନାକୁ ଅଭିହିତ କରାଯାଇଛି। ସେମାନଙ୍କ ମଧ୍ୟରୁ ତୁଳସୀ ଦାସଙ୍କ 'ଗାଇୟେ ଗଣପତି' ଭଜନ, ସାଧୁ ତ୍ୟାଗରାଜନଙ୍କ ଶ୍ରୀ ଗଣପତିନି, ଭି ପି ଧନଞ୍ଜୟନ୍ ଙ୍କ ଗଣେଶ ଶବ୍ଦମ୍, ଟି ଭି ଗୋପାଳ କୃଷ୍ଣନ୍ ଙ୍କ ବର୍ଣ୍ଣମ୍ ଅନ୍ୟତମ। ସଂଗୀତ ମଧ୍ୟରେ ଆନନ୍ଦ ନର୍ତ୍ତମ୍ ଗଣପତି, କରିକଳମୁଖମ୍, ଏବଂ ଓଁକାର ଜିଉ ଅତ୍ୟନ୍ତ ଶ୍ରୁତି ମଧୁର ଅଟେ। ଏହା ବ୍ୟତୀତ ମଧୁସ୍ୱାମୀ ଦୀକ୍ଷିତ୍, ନିଜର ଏକ ମନୋଜ୍ଞ ଓ ଅହ୍ଲାଦ ଜନକ ବାତାପି ଗଣପତିମ୍ ଭଜେ ରଚନାରେ ଗଣପତିଙ୍କୁ ଏକ ପ୍ରଫୁଲ୍ଲ ଆମୋଦପ୍ରିୟ ନୃତ୍ୟରତ ବାଳକ ରୂପେ ଉପସ୍ଥାପନ କରିଛନ୍ତି।

ଜଣେ ନୃତ୍ୟ ପ୍ରିୟ ଦେବତା ରୂପେ ସେ ସମଗ୍ର ବିଶ୍ୱରେ ଅତି ମଧୁର ଓ ସୌଷ୍ଠବ ସଂପର୍ଣ୍ଣ ଖ୍ୟାତି ଅର୍ଜନ କରିବାରେ ସଫଳ ହୋଇ ପାରିଛନ୍ତି।

**ସାପ୍ତାହିକ ସମାଜ, ଅଗଷ୍ଟ ୨୩-୨୯, ୦୭**

## ଗଣେଶଙ୍କ ପାଇଁ ରେକର୍ଡ କଲେ ଦତ୍ତାତ୍ରେୟ

ମୁମ୍ବଇ ବାସୀ ଦତ୍ତାତ୍ରେୟ ବାଲକ୍ରିଷ୍ଣା ଆଜିକୁ ୨୫ ବର୍ଷ ତଳେ ସୁନ୍ଦର ଦେଖାଯାଉଥିବା





ପଥର ଖଣ୍ଡିଏ ବାଟରୁ ପାଇ ନେଇ ଆସିଲେ। ଦିନେ ତା'ଙ୍କୁ ସ୍ୱପ୍ନାଦେଶ ହେବା ପରେ ସେ ସେହି ପଥର ଖଣ୍ଡକୁ ପୂଜା କରିବା ଆରମ୍ଭ କରିଦେଲେ। ସେ କହନ୍ତି, 'ବିଶ୍ୱାସ କରିହେଲାନି ଯେ ପୂଜା ପରେ କ୍ରମଶଃ ସେହି ପଥର ଖଣ୍ଡିକର ଆକୃତି ବଦଳି ଗଲା। ପ୍ରଥମେ ଏକ ଶୁଣ୍ଢ ଦେଖାଗଲା, ପରେ ପ୍ରଭୁ ଶ୍ରୀଗଣେଶଙ୍କ ପ୍ରତିମା ପୁରା ସ୍ପଷ୍ଟ ହୋଇଗଲା।' ସେହି ଦିନଠାରୁ ଦତ୍ତାତ୍ରେୟ ବିଭିନ୍ନ ଆକୃତିର ଗଣେଶ ପ୍ରତିମା ସଂଗ୍ରହ କରିଚାଲିଛନ୍ତି। ଶ୍ରୀ ଗଣେଶଙ୍କର ୨୦୦୦ ପ୍ରତିକୃତି ସଂଗ୍ରହ କରି ସେ ଆଜି ଲିମ୍କା ବୁକ୍ ଅଫ୍ ରେକର୍ଡ ରେ ସ୍ଥାନ ପାଇଛନ୍ତି।

ସେହିପରି କୋଚି ବାସିନ୍ଦା ଏମ୍ ସନ୍ତୋଷ କୁମାର ୧୦୫୦ଟି ବିଭିନ୍ନ ଆକୃତିର ଗଣେଶ ପ୍ରତିକୃତି ସଂଗ୍ରହ କରି ରଖିଛନ୍ତି।

## ପ୍ରିୟା ଦତ୍ତ: (କଂଗ୍ରେସ୍ ସାଂସଦ)

କଂଗ୍ରେସ ସାଂସଦ ପ୍ରିୟା ଦତ୍ତ ଭାରତୀୟ ସିନେମା ଜଗତର କିମ୍ବଦନ୍ତି ପୁରୁଷ ତଥା ପୂର୍ବତନ କେନ୍ଦ୍ର କ୍ରୀଡାମନ୍ତ୍ରୀ ସୁନିଲ ଦତ୍ତଙ୍କ



କନ୍ୟା ମଧ୍ୟ ଗଣେଶଙ୍କ ପ୍ରତି ଅଗାଡ ଭକ୍ତି ରହିଥିବା ଦେଖାଯାଇଛି। ନିଜ ଜୀବନର ପ୍ରତ୍ୟେକ ବାଧା ବିଘ୍ନକୁ ଏହି ସିଦ୍ଧି ବିନାୟକଙ୍କ ଆଶୀର୍ବାଦ ଦ୍ୱାରା ସେ ଜୟ କରିଛନ୍ତି ବୋଲି କହନ୍ତି। ମୁମ୍ବଇ ପ୍ରସିଦ୍ଧ ସିଦ୍ଧି ବିନାୟକ ମନ୍ଦିରକୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ମଙ୍ଗଳବାର ସକାଳ ପୂଜା ଆରତୀ ଦେଖିବା ପାଇଁ ବହୁ ଦୁରଦୁରାନ୍ତରୁ ଖାଲିପାଦରେ ଆସିଥାନ୍ତି। ସେ ଓ ତା'ଙ୍କ ପିତାମାତା ଗଣେଶଙ୍କ ଜଣେ ଶ୍ରେଷ୍ଠ ଭକ୍ତ ବୋଲି କହିଛନ୍ତି।

ଶକ୍ତି ଓ ଶାନ୍ତି ପ୍ରଦାନକାରୀ ଗଜାନନଙ୍କୁ ଏକାଗ୍ର ଚିତ୍ତରେ ଧ୍ୟାନ କଲେ ମନର ଗ୍ଲାନି ଦୂରୀଭୂତ ହୋଇଯାଏ ବୋଲି ପ୍ରିୟା ଦତ୍ତଙ୍କ ବିଶ୍ୱାସ ରହିଛି।

## ବିଖ୍ୟାତ ଜ୍ୟୋତିଷ ବେଜାନ ଦାରୁୱାଲା

ଭାରତୀୟ ଓ ଗୁଜୁରାଟୀ ଜ୍ୟୋତିଷ ଶାସ୍ତ୍ରରେ କୁମ୍ଭରାଶିକୁ ଶୁଭ ସଂକେତ ରୂପେ ଗ୍ରହଣ କରାଯାଇଛି। ଏହି ରାଶି ଦ୍ୱାରା 'ଏସ୍' ଓ 'ଜି' ଦୁଇଟି ଅକ୍ଷର ଅଧିକ ପ୍ରଭାବିତ ହୋଇଥାଏ। 'ଏସ୍'ର ଅର୍ଥ ଶ୍ରୀ ଓ 'ଜି'ର ଅର୍ଥ ଗଣେଶକୁ ସୁଚାଇଥାଏ। ତେଣୁ ଶ୍ରୀ ଗଣେଶଙ୍କୁ ଶୁଭ ସଂକେତ ରୂପେ ଗ୍ରହଣ କରାଯାଇଛି ଏବଂ ସେ ହେଉଛନ୍ତି ଏକମାତ୍ର ଦେବତା ଅତିଶୀଘ୍ର ସମସ୍ତଙ୍କ କାମନାକୁ ପୂରଣ କରିଥାନ୍ତି।

ସଂପ୍ରତି କଂପ୍ୟୁଟର ଯୁଗରେ ଶ୍ରୀ ଗଣେଶ ଅଗ୍ରଦୂତ ତଥା ପଥ ପ୍ରଦର୍ଶକ ରୂପେ ସକଳ ବ୍ୟକ୍ତିଙ୍କୁ ବାଟ ଦେଖାଇଥାନ୍ତି ବୋଲି ସେ ବିଶ୍ୱାସ କରନ୍ତି। ଗଣପତି ଗଜାନନ କେବଳ ବିଜ୍ଞ, ଜ୍ଞାନୀ ନୁହନ୍ତି ବରଂ ସମଗ୍ର ବିଶ୍ୱସ୍ତରରେ ନିଜକୁ ସଚେତନ ଓ ଆତ୍ମଜ୍ଞାନ ସଂପର୍ଣ୍ଣ ଭାବେ ପ୍ରତିଷ୍ଠିତ କରାଇପାରିଛନ୍ତି। ଏକ ପକ୍ଷରେ ସେ ପ୍ରଗତିର ଦୂତ ସାଜି ବିଶ୍ୱବାସୀଙ୍କୁ ଉନ୍ନତି ପଥରେ ଅଗ୍ରସର କରାଉଥିବା ବେଳେ ଅନ୍ୟ ପକ୍ଷରେ ସେ ବିଶ୍ୱର ସମସ୍ତ ଦୁଃଖ କଷ୍ଟକୁ ହରଣ କରି ବିଘ୍ନବିନାଶକ ରୂପେ ଘରେ ଘରେ ପରିଚିତ ହୋଇଛନ୍ତି। ସେ କେବଳ ବିନମ୍ରତା, ସହନଶୀଳତାର କେନ୍ଦ୍ରବିନ୍ଦୁ ନୁହନ୍ତି ବରଂ ସକଳ ସୁଖପ୍ରଦାନକାରୀ ଦେବତା ଅଟନ୍ତି।

ତା'ଙ୍କ ବର୍ତ୍ତୁଳାକାର ଶରୀର ମଧ୍ୟରେ





ସେ ସଂସାରର ପ୍ରତ୍ୟେକ ବ୍ୟକ୍ତିଙ୍କ ସମସ୍ତ ଅନ୍ତର୍ଭେଦି ଗୂଢ କଥା ତଥା ଦୁଃଖ କଷ୍ଟକୁ ଧାରଣ କରିବା ସହିତ ସମାଧାନର ବିଭିନ୍ନ ରାସ୍ତା ମଧ୍ୟ ଉନ୍ମୋଚନ କରିଥାନ୍ତି।

ବିଶେଷକରି ଗଜାନନ ଗଣେଶ ହିଁ ପିଲାଙ୍କୁ ଜୀବନ ଓ ମୃତ୍ୟୁର ଗୂଢ ରହସ୍ୟ ବୁଝାଇବାରେ ସଫଳ ହୋଇ ପାରିଛନ୍ତି। ପ୍ରତିବର୍ଷ ବନ୍ଧୁ ରୂପରେ ଘରକୁ ଆସି ପିଲାମାନଙ୍କ ମନରେ ଆନନ୍ଦର ଲହରୀ ଖେଳାଇ ପୁଣିଥରେ ବିସର୍ଜିତ ହେବା ରୀତିନୀତି ଦ୍ୱାରା ଜୀବନ ମୃତ୍ୟୁର ଚକ୍ର ବୁଝାଇଥାନ୍ତି ଓ ଯାହାକୁ ଅନୁସରଣ କରି ପିଲାମାନେ ମୃତ୍ୟୁ ଭୟକୁ ଅନାୟାସରେ ଜୟ କରିଥାନ୍ତି ବୋଲି ଏହି ଗଣନାକାର ମତ ଦିଅନ୍ତି।

# ସେଓ କାଟି ରଖିଦେଲେ କଟା ଅଂଶ ବାଦାମୀ ରଙ୍ଗ ହୋଇଯାଏ କାହିଁକି?

**ଫକୀର୍ ଚରଣ ପାଢ଼ୀ**



ହିମାଞ୍ଚଳ ପ୍ରଦେଶର ଥାନେଦାର ନାମକ ସ୍ଥାନରେ ଖ୍ରୀଷ୍ଟିଆନ୍ ମିଶନାରୀ ସାମୁଏଲ୍ ଷ୍ଟୋକ୍ସ ନାମରେ ଜଣେ ଇଂରେଜ ସାହେବ ଆସି ବସବାସ କରିବାକୁ ଲାଗିଲେ। ସେ ତା'ଙ୍କ ବଗିଚାରେ ଗୋଟିଏ ସେଓ ଚାରା ରୋପଣ କରିଥିଲେ। ତାହା ଥିଲା ଆମ ଦେଶର ପ୍ରଥମ ସେଓ ଗଛ। ସେ ସେଓ ଗଛଟିକୁ ସେ ଖୁବ୍ ଯତ୍ନରେ ବଢାଇଥିଲେ। ସେହି ଅଞ୍ଚଳର ଜଳବାୟୁ ସେଓ ଗଛ ବଢିବା ପାଇଁ ଅନୁକୁଳ ଥିଲା। ଏବେ ଯୁଆଡେ ଦେଖିବେ ସିଆଡେ ଖାଲି ସେଓ ଗଛର ଜଙ୍ଗଲ ଆଉ ଜଙ୍ଗଲ। ଆମ ଦେଶରେ ଯେତେ ସେଓ ଉତ୍ପାଦନ ହୁଏ, ତନ୍ମଧ୍ୟରୁ ଶତକଡା ୯୦ ଭାଗ ସେହି ହିମାଞ୍ଚଳ ପ୍ରଦେଶରୁ ହିଁ ଉତ୍ପାଦିତ ହୁଏ। ସେଥିପାଇଁ ହିମାଞ୍ଚଳ ପ୍ରଦେଶକୁ ସେଓ ରାଜ୍ୟ ବା ଆପଲ୍ ଷ୍ଟେଟ୍ ବୋଲି ମଧ୍ୟ କୁହାଯାଇଥାଏ।

ସେଓ ଏକ ସ୍ୱାଦିଷ୍ଟ ଫଳ। ଏହା ମଧ୍ୟ ଏକ ଉପାଦେୟ ଫଳ। ଶରୀର ପାଇଁ ଏହାର ବହୁ ଉପଯୋଗିତା ରହିଛି। ତେବେ ଏହି ସେଓ ଫଳକୁ କାଟି ରଖିଦେଲେ ତାହାର ଧଳା ଅଂଶ ବାଦାମୀ ରଙ୍ଗ ହୋଇଯାଏ କାହିଁକି? ଜଣାଯାଇଛି ଯେ ସେଓରେ ଏକ ବିଶେଷ ପଦାର୍ଥ ଅଛି, ଯାହାକୁ ଟେନିନ୍ ବୋଲି ମଧ୍ୟ କୁହାଯାଏ। ଏହା ମଧ୍ୟ ଆଉ କେତେକ ଭାଗରେ ବିଭକ୍ତ ସେଗୁଡିକ ହେଉଛି, କ୍ୟାପିଟେନିନ୍, କ୍ୟାଟିଚିନ୍ ଓ ଏପିକ୍ୟାଟିଚିନ୍। ଏଥିରେ ଫେନୋଲିକ ଯୌଗିକ ରୂପରେ କ୍ଲୋରୋଜେନିକ ଅମ୍ଳ ରହିଛି। ଏତ୍ଦ ବ୍ୟତୀତ ସେଓରେ ଫିନୋଲେଜ, ପୋଲି ଫିନୋଲେଜ୍, ପଲି ଫିନୋଲ ଅକ୍ସିଡେଜ୍ ଓ ଏଞ୍ଜାଇମ୍ ରାସାୟନିକ କ୍ରିୟାକୁ ତୀବ୍ରତର କରିବାରେ ସହାୟକ ହୋଇଥାଏ। ଯେତେବେଳେ ଫିନୋଲେଜ୍ ଓ କ୍ଲୋରୋଜେନିକ୍ ଅମ୍ଳ ତଥା କିଛି ମାତ୍ରାରେ କ୍ୟାଟିଚିନ ବାୟୁ ସଂସ୍ପର୍ଶରେ ଆସେ; ଫଳରେ ଫିନୋଲେଜ୍ ଏଞ୍ଜାଇମ୍, କ୍ଲୋରୋଜେନିକ ଅମ୍ଳ ଓ କ୍ୟାଟିଚିନ୍ କୁ ଅକ୍ସିକରଣ କରିଦେଇଥାଏ। ଯେଉଁଥିରେ କି କଟା ସେଓର ଧଳା ଅଂଶ ବାଦାମୀ ରଙ୍ଗ ହୋଇଯାଏ।

ବକଡା ବେଡା, ଡାବୁଗାଁ, ନବରଙ୍ଗପୁର।



# କବିତା ବିଭାଗ

## ଚିତ୍ରକର

**ଇଂ ସତ୍ୟବ୍ରତ ରଥ**

ଧୂସର ଭୂଇଁଠି ଜହ୍ନର ଆକାଶ
ଯେତେ ବିଶ୍ୱାସର ବାଟ,
ସେତିକି ବିଶ୍ୱାସ ସାଇତି ରଖିଛି
ଆଙ୍କିବାକୁ ଚିତ୍ରପଟ।

ଦୁଇଟି ନିଃଶ୍ୱାସ ଦୁଇଟି ହୃଦୟ
ଦୁଇଟି ମନକୁ ନେଇ,
ଆଙ୍କି ତୋଳିବି ରଙ୍ଗ ତୂଳୀରେ
ସବୁ ଦୁଃଖ ଭୁଲିଯାଇ।

ଯେଉଁ ସପନରେ ଆକାଶ ବିଭୋର
ଯେଉଁ ସପନରେ ଭୂଇଁ,
ଜଞ୍ଜାଳ ଭିତରେ ବାନ୍ଧି ହୋଇ ମୁଁ
ସେ ସପନ ଦେଖି ନାହିଁ।

ହୋଇଥାଏ ପଛେ ମୁଁ ଜଣେ ନିର୍ବୋଧ
ଅସହାୟ ଚିତ୍ରକର
ମଞ୍ଜୁଳ ଛବି ଆଙ୍କି ପାରିବି
ମାଟି ଆଉ ଆକାଶର।

**କଲେଜ ରୋଡ୍, ବାଙ୍କି, କଟକ**

## ଶେଷ ସଂପର୍କ

**ଅଖିଳ କୁମାର ମିଶ୍ର**

ତୁମ ମୋ ସଂପର୍କ
ଏଇଠି ଏବେ ଛିଡିଲା
ଯେତେ ଆମ ଚିହ୍ନା ପରିଚୟର
ପୁରୁଣା କାନିରେ ଅଛିଣ୍ଡା ଗଣ୍ଠି ପଡିଲା।

ତମେ ଯିବ ତମ ବାଟରେ
ମୁଁ ଯାଏ ମୋ ରାସ୍ତାରେ,
ଆଶା ରଖିବାନି କେବେ
ପୁଣି ଦେଖା ହେବ ଅମଡା ଛକରେ।

ଯେତେଦିନ ଯାଏ
ସାଙ୍ଗ ହୋଇ ଚାଲୁଥିଲେ--
କଣ୍ଟାଝଣ୍ଟା ସବୁ ଝୁଲୁଥିଲେ
ମୁକ୍ତାପରି ସ୍ୱପ୍ନ ଓ ଅଜସ୍ର ଗୋଲାପ
ସାଉଁଟି ଆଣୁଥିଲେ।

ସାଥୀ ହୋଇ ତୋଳୁଥିଲେ ଘର,
ବାଡିବଗିଚା, ପିଲାଙ୍କର ଭବିଷ୍ୟତ
ଦେଖିଥିଲେ ଆକାଶର ଜହ୍ନ,
ଚିହ୍ନିଥିଲେ ଉଡନ୍ତା ଏକ ପ୍ରଜାପତି ମନ।

ଏବେ ସେ ସବୁ ପୁରୁଣା କଥା,
ଲୁଣ ପରି ମିଳାଇ ଯାଏ ଅତୀତର ଗହରରେ
ସେସବୁ କଥା ଘାଣ୍ଟିବା ପାଇଁ
ଠିଆ ହୋଇନାହୁଁ ଆମେ ଏକା ଛାତ ତଳେ।

ଦିନେ ଆରମ୍ଭ ହୋଇ
ପତଳା ରବର ପରି ବିସ୍ତରିଥିଲା
ସମର୍ପି ଦେଇ
ଆଉ ଫୁଟୁ ନଥିବା ଫୁଲଙ୍କ ଡାଲା।

ତାହା ଆଜି ଶେଷ ସଂପର୍କ
ଶୂନ୍ୟ, ଭାବହୀନ, ଶୋକହୀନ
ପାଣିଫୋଟକା ପରି ଇତିହାସ ବିହୀନ।

**ବାର୍ତ୍ତା ସଂପାଦକ, ଆକାଶବାଣୀ,**
**କଟକ**

---

## ଛଳନା

**ସୁବାସ ସ୍ୱାଇଁ**

ଆକାଶରେ ଜହ୍ନ ଦେଖିଲେ
ପ୍ରିୟା ମୋର କାହିଁକି
ଏତେ ଖୁଶି ହୁଏ
ଅବଶ୍ୟ ମୁଁ ଜାଣିନି।
କେବେ ବି ପଚାରିନି
ଏଥିପାଇଁ ତା'କୁ
ଖାଲି ଏତିକି ଜାଣେ
କୁଆଡେ ପ୍ରିୟା ମୋ ଠାରୁ
ଜହ୍ନକୁ ବେଶୀ ଭଲ ପାଏ।

**ସା/ପୋ: କୋଟିଲା**
**ମହାକାଳପଡା, କେନ୍ଦ୍ରାପଡା**

## ଦୁଃଖ

**ପରୀକ୍ଷିତ ମିଶ୍ର**

କିଏ ମନମାରି ରହେ
କିଏ ବା ବାହୁନି କାନ୍ଦେ
ଧାର ଧାର ଲୁହ ଗଡିଯାଏ
ପୁଣି ଠୋ' ଠୋ' ହସିଯାଏ
ବାଚାଳ ପରାୟେ।

କୋହ ଡେଉ ଆଶାୟର
ମୋହଗ୍ରସ୍ତ ଅଭିମାନେ
ଆବେଗ ପ୍ରାବଲ୍ୟ ବଳେ
ଅସହାୟ ଭାବନାରେ ଲୁପ୍ତ
ଭୟ ଆଶଙ୍କା ଜର୍ଜରିତ।

ବହୁ ଆଖି ଶୁଷ୍କ ହୋଇଯାଏ
ଅନନ୍ତ ଶୋଚନା ମଧ୍ୟେ
ଚକ୍ଷୁ ଜ୍ୟୋତି ନିର୍ବାପିତ ସମ
ଦିବସ ଅନ୍ଧାର ଘୋର
ସମୟ ବିସ୍ମୃତ ପଥେ
ସମୟ ସଂବନ୍ଧ ହାରେ
ଅବା ସ୍ଥାଣୁ ବଜ୍ର ଦୃଢ
ପରାକ୍ରମେ ଦଣ୍ଡାୟିତ ମହା।

କିଏ ପୁଣି ଗାଇଯାଏ
ହୃଦଫଟା ବିଷାଦ ସଂଗୀତ
ଚତୁର୍ଦ୍ଦିଗେ ବ୍ୟାପୀଯାଏ ସ୍ୱର
ଅଭୁଲା ଜୀବନ ଗାଥା
ଜ୍ଞାତସାରେ ଭୁଲିଯାଏ
ଜନ୍ମ ଅର୍ଥ ଦୁଃଖ ମାତ୍ର
ବୁଦ୍ଧବାଣୀ ନୁହଇଁ ଅନ୍ୟଥା।

**ବଳଭଦ୍ରପୁର ଶାସନ, ମଡୋ,**
**ଭଦ୍ରକ**

---

## ଶୁଆ-ଶାରୀ କଥା

**ଶକ୍ତି ମହାନ୍ତି**

ଆସ, ଥିଇରିକରି ବସ ମୋ ପାଖରେ
ପବନର ଗୀତ ଶୁଣିବା।
କୁଟା, କାଠି, ବ୍ୟସ୍ତ ପକ୍ଷୀ, ଫରଫର ପବନର
ଆମର ଏ ଅଲରା ବାଳ
ସବୁକିଛି ସଜେଇଦେବ ଏ ପବନ,
ସନ୍ତର୍ପଣରେ।
ଫାଙ୍କା ଫାଙ୍କା ଏଇ ମେଘ କେତେ କେତେ
ବର୍ଷୁଥିଲେ ଆଗରୁ
ମନେ ପକାଇବା।

ଯେତେ ଯିଏ ଏକାକୀ ଥିଲେ ବି'
ଏକାଠି ସାମ୍ନାକୁ ଚାହିଁବା,
ଯେଉଁଠି ଗଛ ଗହଳିରୁ ଦିଶୁଥିବ ଘୁ ଘୁ ସମୁଦ୍ର,
ପତ୍ରମାନଙ୍କ ଫାଙ୍କାରୁ ଛପି ଛପି ଚାହୁଁଥିବ
ସୂର୍ଯ୍ୟ,
ତା'ର ମୁସ୍‌ମୁସ୍ କିରଣ ପାପୁଲିରେ ରଖିବା,
ଆକାଶ ଛୁଇଁବା।

ପାପ, ମୋକ୍ଷ, ନିର୍ବାଣ ଏମିତି କେତେ କ'ଣ
ଲେଖାଅଛି
ଏଇ ମନ୍ଦିରରେ, ଆମ ବିଶ୍ୱାସରେ;
ଆଉ କେତେଦିନ ଝଲସୁଥିବେ
ଏଇ ମୂର୍ତ୍ତିମାନେ ଆମପାଇଁ କୁହତ'!
ସେମାନଙ୍କୁ ଚିରଯୌବନ ଦେଇଥିବା
ଶିଳ୍ପୀର ଜରା, ଦୁଃଖ ଓ ନିଃସଙ୍ଗତା ପାଖକୁ
ସେମାନଙ୍କୁ ଫେରିବାକୁ କହିବା।

ପବନକୁ ଜିତୁଥିବା ଏ ପକ୍ଷୀ
ଅନ୍ୟମନସ୍କ ଆଜି ଏଇ ପିଞ୍ଜରାରେ;
ଆସ କ୍ଳାନ୍ତ କ୍ଳାନ୍ତ ତା'ର ଡେଣା,
ତା ପାଣିଚିଆ ଆଖିର ଭାଷା ବୁଝିବା
ତା'କୁ ଆକାଶର ନୀଳ ଦେଖାଇବା।

ଦିନେ ଲହଡି ଭାଙ୍ଗୁଥିବା ଆଜିର ଏ ବୃଦ୍ଧ
ବେଳାଭୂଇଁ
ମୁଣ୍ଡପାତି ସହିଦଉଚି ଲହଡିର ଆଘାତ,
ଚାଲ ତା'କୁ ତା'ର ଉନ୍ମାଦ ଫେରେଇଦେବା।

ବୁଡିଯାଉଥିବା ଜାହାଜର ମାସ୍ତୁଲପରି
ଆମେ ଖାଲି ବଲବଲ ଚାହିଁଥିବା
ବତିଘର ଆଲୁଅକୁ, ଆକାଂକ୍ଷିତ ସମୁଦ୍ର କୂଳକୁ
ଅନ୍ତରୀକ୍ଷକୁ,
ଆମେ କ'ଣ କେବେ ଖୋଲିପାରିବା
ଏଇ ସୃଷ୍ଟିର ଗୁମର!!
ଆସ, ମୋ ପାଖରେ ବସ
ଚୁପ୍‌ଚାପ୍ ସମୟ ପରି ଆଖିମିଟିକାଇବା।

**ଜୟବଡ, ଜଗତସିଂହପୁର**

# ତୁ ଦେବୀଟିଏ ଶେଷହୀନ ଲୋଡିବାପଣର

**ସୁରେନ୍ଦ୍ର ବାରିକ**

ମୋ ଲୋଡିବାପଣର
ଶେଷନାହିଁ ବୋଲି ହିଁ ତୁ ଅଲୋଡା ନୁହେଁ
ମୋ ଲାଗି କେବେ ବି।
ଶୂନ୍ୟତାର ନିଃଶବ୍ଦତା ଭିତରେ
ତୁ କେଉଁ ଅଦ୍ଭୁତ ଏକ ମଧୁର ଛନ୍ଦ ଯେ'
ତୋତେ ଭାବି ଦେଉ ଦେଉ
ମନ ପାଲଟିଯାଏ
ଶିହରିତ କଦମ୍ବବନ, ଯେଉଁଠି ତୋର
ସବୁ ପ୍ରୀତି ଝରି ଯାଉଥାଏ
ବର୍ଷା ହୋଇ, ଋତୁ
ସତେ କି ଶ୍ରାବଣ।

ତୁ ଲୀଳାମୟୀ
କେବେ କେବେ ସହସ୍ର ରାସରେ
ପ୍ରକଟ କରୁ ତୋର ଲୀଳାଖେଳା
ତ ଆଉ କେବେ ସ୍ଥିର ମୁଦ୍ରାରେ
ପାଲଟି ଯାଉ ତୁ
ଏକ୍‌ଦମ୍ ଯୋଗନିଷ୍ଠଳ
ଯୋଗମାୟା।

ତୋର ଦେହର ଦେଉଳରେ
ତୋ' ଆତ୍ମାର ସିଂହାସନ,
ମୁଁ ଅବିନଶ୍ୱର ଦେବତାଟିଏ ହୋଇ ପାରିଚି କି
ନା
ସେଇଠି, ତୁ ତ ଜାଣୁ ରହସ୍ୟ
ସେଇ ଇତିକଥା।

ତଥାପି,
କେଉଁ ଏକ ଅଫିଟା ଛନ୍ଦରେ
ଛନ୍ଦିଦେଇଛୁ ବୋଲି ହିଁ
ମୁଁ ଇଚ୍ଛା କରିଛି
ସଂସାରୀ ହେବାକୁ,
ବ୍ଞ୍ଚିବାକୁ ଚାହୁଁଛି
ତୋ'ର ଭାଗ୍ୟସାଥେ ଯୋଡି
ମୋ'ର ସମଗ୍ର ଆୟୁଷକୁ।

**ରତ୍ନପୁର, ବଲଣ୍ଡା, ପୁରୁଣା କଟକ, ବୌଦ୍ଧ**

# ପ୍ରଥମ



ସମୀର ସାହୁ
ଜନ୍ମ: ଏପ୍ରିଲ ୨୮, ୧୯୮୨
ଠିକଣା: କନ୍ଧମାଳ, ବୌଦ୍ଧ
ଶିକ୍ଷା: ଯୁକ୍ତ ତିନି କଳା, ଡିପ୍ଲୋମା
ରୁଚି: ସାହିତ୍ୟ, ଅଭିନୟ ଓ ଚିତ୍ରକଳା
ଜୀବନର ଲକ୍ଷ୍ୟ: ଜଣେ ଉତ୍ତମ ମଣିଷ ଭାବରେ ପରିଚିତ ହେବା
ତା'ଙ୍କ ଲେଖାରୁ

# ଆଜିର ଦୁନିଆ

ଦୁନିଆର ରୀତି ଆଜି ମନେ ଦିଏ ଭୀତି
ଅଧାବାଟେ ସରିଯାଏ ଜୀବନର ଗତି।
ବଞ୍ଚିବାଟା କଷ୍ଟ ଏଠି କିନ୍ତୁ ମରିବା ସହଜ
କିଏ ଜାଣେ କେବେ ଜୀବନେ ହୋଇଯାଏ
ସଞ୍ଜ।
ସହି ହୁଏନାହିଁ ପୁଣି ଜୀବନ ଯନ୍ତ୍ରଣା
ସଂସାର ଅନ୍ଧକାରେ ହୁଏ ମନ ବାଟବଣା।
ବୁଝି ହୁଏ ନାହିଁ କିବା ଜୀବନର ମୂଲ
ଝଡିଯାଏ ଦେଖ କେତେ ସଜଫୁଟା ଫୁଲ।
ରକତର ହୋଲିଖେଳ ଖେଳୁଚି ମଣିଷ
ଅମୃତର ସନ୍ତାନ ହୋଇ ଢାଳିଦିଏ ବିଷ।
ମାୟାଜାଲେ ପଡି ଏଠି ମରୁଛି ନିରୀହ
କାନ୍ଦି କାନ୍ଦି ଆଖିରୁ ତା ଶୁଖେନାହିଁ ଲୁହ।
କମିକମି ଯାଏ ଏଠି ବଞ୍ଚିବାର ସ୍ୱାଦ
ସରେ ନାହିଁ ବାଟ ହେଲେ ଥକିଯାଏ ପାଦ।
କଣ୍ଟକିତ ପଥେ କିନ୍ତୁ ଚାଲିବାକୁ ପଡେ
ଗୋଲାପଟି ଥାଏ ପରା କଣ୍ଟାର ଉହାଡେ।




# କଥାବାର୍ତ୍ତା

**ରବୀନ୍ଦ୍ର ନାଥ ଦାସ**

ସଂପାଦକ, ଓଡିଶା ସାହିତ୍ୟ ଏକାଡେମୀ

୧୯୬୯ ମସିହାରେ ନାଟକ 'ବିଷର୍ଣ୍ଣ ପୃଥିବୀ' ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ରବୀନ୍ଦ୍ର ନାଥ ଦାସ ଗତ ମେ ମାସରେ ସେହି ଏକାଡେମୀର ସଂପାଦକ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି। ମିଷ୍ଟଭାଷୀ ଶ୍ରୀ ଦାସଙ୍କ ନିକଟରେ ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା ରହିଛି। ଦାୟିତ୍ୱ ନେବା ପରେ ସେ ଓଡିଶା ସାହିତ୍ୟ ଏକାଡେମୀର ବିଭିନ୍ନ କାର୍ଯ୍ୟଧାରାରେ ଅନେକ ବୈପ୍ଲବିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା ଚଳାଇଛନ୍ତି। ବହୁବିଧ ପ୍ରତିଭାର ଅଧିକାରୀ ଶ୍ରୀ ଦାସ ଗଳ୍ପ, ଉପନ୍ୟାସ ଓ କବିତାରେ ସଫଳ ହୋଇଥିଲେ ମଧ୍ୟ ନାଟ୍ୟକାର ଭାବରେ ବେଶି ଲୋକପ୍ରିୟ। ୨୦୦୫ ମସିହାରେ ସେ ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ତାଙ୍କର ଉଲ୍ଲେଖନୀୟ ନାଟକ ଗୁଡିକ ହେଉଛି, 'ବିଷର୍ଣ୍ଣ ପୃଥିବୀ', 'ନିର୍ବାସିତ ସମ୍ରାଟ', 'ନାଟକର ନାମ ଜୀବନ ଓ ଅନ୍ୟାନ୍ୟ ଛୋଟ ନାଟକ', 'ଅନେକ ଯନ୍ତ୍ରଣା', 'ନିଃସଙ୍ଗ ଅଶ୍ୱାରୋହୀ', 'ମୁଖବନ୍ଧ', 'ଅନ୍ତିମ' ଓ 'ଅଙ୍ଗାର' ଆଦି।

**ସାହିତ୍ୟ ଏକାଡେମୀର କାମ କ'ଣ?**

ଓଡିଶା ସାହିତ୍ୟ ଏକାଡେମୀ ଆମ ରାଜ୍ୟର ଏକ ପ୍ରମୁଖ ସ୍ୱୟଂଚାଳିତ ସାରସ୍ୱତ ଅନୁଷ୍ଠାନ। ବହୁ ପ୍ରଖ୍ୟାତ ସାହିତ୍ୟିକ ଏହାର

ବିଭିନ୍ନ ପଦପଦବୀରେ ରହି ଓଡିଆ ସାହିତ୍ୟ, ସଂସ୍କୃତି ଓ ଭାଷାର ପ୍ରଚାର ନିମନ୍ତେ କାର୍ଯ୍ୟ କରି ଯାଇଛନ୍ତି । ଏକାଡେମୀର ଏକ ସ୍ୱତନ୍ତ୍ର ସମ୍ବିଧାନ ଅଛି, ସେଥିରେ ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟାବଳୀ ସଂପର୍କରେ ବିଶଦ ବର୍ଣ୍ଣନା ରହିଛି । ରାଜ୍ୟ ସରକାରଙ୍କ ଅନୁଦାନ ଭିତ୍ତିରେ ଏକାଡେମୀର ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ ।

**ପୁରସ୍କାର ଦେବା ବ୍ୟତୀତ ଏକାଡେମୀ ଏ ପର୍ଯ୍ୟନ୍ତ କରିଥିବା ଉଲ୍ଲେଖନୀୟ କାମ ଗୁଡିକ କଣ?**

ଏକାଡେମୀର ସବୁକାମ ଉଲ୍ଲେଖନୀୟ । ୧୯୫୭ ମସିହାରେ ସ୍ଥାପନ କରାଯିବା ଦିନଠାରୁ ଯାହା ସବୁ କରାଯାଇଛି, ତା'ର ବିସ୍ତୃତ ତାଲିକା ଦେବା ସମ୍ଭବ ନୁହେଁ ।ଅଦ୍ୟାବଧି ୩୫୦ରୁ ଅଧିକ ଦୁର୍ମୂଲ୍ୟ ପୁସ୍ତକ ପ୍ରକାଶ କରାଯାଇଛି । ସାରସ୍ୱତ ସାଧକ ମାନଙ୍କ ଜୀବନୀ ଓ ମନୋଗ୍ରାଫ୍ ପ୍ରକାଶ କରାଯାଇଛି । ଏକାଡେମୀ ଦିବଂଗତ ବିଶିଷ୍ଟ ସାହିତ୍ୟିକଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ କରେ । ଅନେକ ଆଲୋଚନା ଚକ୍ର ମଧ୍ୟ ନିୟମିତ ବ୍ୟବଧାନରେ କରାଯାଏ । ଗୋଟିଏ ବାକ୍ୟରେ କହିଲେ ଆମ ଭାଷା ଓ ସାହିତ୍ୟର ପ୍ରସାର, ପ୍ରଚାର ଓ ସମୃଦ୍ଧିରେ ଏକାଡେମୀ ଅଙ୍ଗିକାରବଦ୍ଧ । ଏକାଡେମୀର କାର୍ଯ୍ୟାବଳୀ ଏକ ତ୍ରୈମାସିକ ସମାଚାର ବୁଲେଟିନ୍ ଓ ଇଣ୍ଟର୍‌ନେଟ୍‌ରେ ପ୍ରକାଶିତ ହୁଏ ।

**ସଂପାଦକଙ୍କ ଦାୟିତ୍ୱ କଣ?**

ସଂପାଦକ ହେଉଛନ୍ତି ଏକାଡେମୀର ପ୍ରଶାସନିକ ମୁଖ୍ୟ । ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପଦବି । ତାଙ୍କ ଉପରେ ଏକାଡେମୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିର୍ଭର କରେ । ଏହାକୁ ଚାକିରୀ ଭାବରେ ଦେଖିଲେ ଭୂଲ ହେବ ।

**ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆପଣ କ'ଣ ନୂତନ ପଦକ୍ଷେପ ନେଇଛନ୍ତି?**

ମୁଁ ଏହି ଦାୟିତ୍ୱରେ ରହିବାର ତିନି ମାସ ମଧ୍ୟରେ ଏକାଡେମୀର ପୂର୍ବ ସୁନାମ ବଜାୟ ରଖିବାକୁ ସବୁ ପ୍ରକାର ଚେଷ୍ଟା କରିଛି । ସାହିତ୍ୟିକ ମାନଙ୍କୁ ଏକାଡେମୀ ସହିତ ସଂପୃକ୍ତ କରୁଛି, ଯେପରି ସେମାନେ ଏହାକୁ ନିଜର ଅନୁଷ୍ଠାନ ବୋଲି ମନେ କରିବେ । ଅନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ ଏକାଡେମୀର କାର୍ଯ୍ୟଧାରାକୁ ଆମେ ବହୁ ପରିମାଣରେ ଶୃଙ୍ଖଳିତ କରି ପାରିଛୁ ।



**ଏକାଡେମୀ ପୁରସ୍କାର ଚୟନ ପ୍ରକ୍ରିୟାରେ କିଛି ସଂସ୍କାର ଆଣିବା କଥା ଚିନ୍ତା କରୁଛନ୍ତି କି?**

ଜଣେ ସାରସ୍ୱତ ସାଧକ ପାଇଁ ପାଠକୀୟ ସ୍ୱୀକୃତି ହେଲା ଶ୍ରେଷ୍ଠ ପୁରସ୍କାର । ତେବେ ଏକାଡେମୀ ପୁରସ୍କାର ଚୟନରେ ସବୁବେଳେ ନିରପେକ୍ଷତା ଓ ସ୍ୱଚ୍ଛତା ଅବଲମ୍ବନ କରି ଆସିଛି । ସେଥି ପାଇଁ ଏହାର ସ୍ୱତନ୍ତ୍ର ନିୟମାବଳୀ ରହିଛି । ପୂର୍ବ ଅନୁଭୁତିକୁ ଭିତ୍ତି କରି ଆମେ ଏହାକୁ ଆହୁରି ନିରପେକ୍ଷ କରିବା ପାଇଁ ଉଦ୍ୟମ କରୁଛୁ ।

**ଏକାଡେମୀର ମୁଖପତ୍ର 'କୋଣାର୍କ'କୁ ଲୋକପ୍ରିୟ ଓ ନିୟମିତ କରାଯାଉନାହିଁ କାହିଁକି?**

ଉଚ୍ଚକୋଟୀର ଗବେଷଣାତ୍ମକ ସମ୍ଭ୍ରାନ୍ତ ପତ୍ରିକା 'କୋଣାର୍କ' ପାଠକଙ୍କ ମଧ୍ୟରେ ଅପୂର୍ବ ଲୋକପ୍ରିୟତା ଅର୍ଜନ କରିଛି । ତେବେ ଅନେକ ସମୟରେ ଏହାକୁ ଠିକ୍ ସମୟରେ ପ୍ରକାଶ କରାଯାଇ ପାରୁନାହିଁ । କାରଣ ପତ୍ରିକାର ମାନରେ ଆଦୌ ବୁଝାମଣା କରିବାକୁ ଏକାଡେମୀ ଚାହୁଁନାହିଁ । ସର୍ବୋତ୍କୃଷ୍ଟ ଲେଖା ସଂଗ୍ରହ ତ ଏକ କଷ୍ଟକର ବ୍ୟାପାର ।

**ଓଡିଶାର ଅଧାରୁ ଅଧିକ ପାଠକ ତ 'କୋଣାର୍କ' ବୋଲି ଗୋଟେ ପତ୍ରିକା ଅଛି ବୋଲି ଜାଣିନାହାନ୍ତି?**

ପତ୍ରିକା ଲୋକମାନଙ୍କ ପାଖରେ ପହଞ୍ଚିପାରୁ ନାହିଁ । ଏକଥା ସତ । ମାର୍କେଟିଂରେ ଉନ୍ନତି ଆଣିବାପାଇଁ ଆମେ ଚେଷ୍ଟା କରୁଛୁ ।

**ଏକାଡେମୀର ଭବିଷ୍ୟତ ଯୋଜନା କ'ଣ?**

ସରକାରଙ୍କ ସହାୟତାରେ ଏକାଡେମୀ ସ୍ୱଳ୍ପ ମୂଲ୍ୟରେ ଜଗନ୍ନାଥ ଦାସଙ୍କ ଭାଗବତର ନୁତନ ସଂସ୍କରଣ ପ୍ରକାଶ କରିବାକୁ ଯାଉଛି । ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଅନେକ ଉପାଦେୟ ପୁସ୍ତକ ପ୍ରକାଶନ, ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର ଆଦିକୁ ଆହୁରି ବ୍ୟାପକ କରାଯିବ । ଉପାନ୍ତ ଅଞ୍ଚଳରେ ଓ ରାଜ୍ୟ ବାହାରେ ଆମ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟକ୍ରମ ମାନ ସ୍ଥିର କରାଯାଇଛି ।

**ନୂଆ ଲେଖକ ମାନଙ୍କୁ ପ୍ରୋତ୍ସାହିତ କରିବାଲାଗି ଏକାଡେମୀ କ'ଣ କରୁଛି?**

ଆଜିର ଯୁବପୀଢି ସାହିତ୍ୟିକ ମାନେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ଆମେ ଏକାଡେମୀର ସବୁ କାର୍ଯ୍ୟକ୍ରମରେ ପ୍ରବୀଣଙ୍କ ସହ ନବୀନମାନଙ୍କୁ ସାମିଲ କରିବାକୁ ଚେଷ୍ଟା କରୁଛୁ । ଯୁବ ପୁରସ୍କାର ପ୍ରାପ୍ତ ପାଣ୍ଡୁଲିପିର ପ୍ରକାଶନ କରାଯାଉଛି । ନିକଟ ଭବିଷ୍ୟତରେ ସେମାନଙ୍କୁ ନେଇ ଏକାଧିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବାର ଲକ୍ଷ୍ୟ ରଖିଛୁ ।

**ଏକାଡେମୀର ଉନ୍ନତି ପାଇଁ ଆଉ କଣ କରାଗଲେ ଭଲ ହେବ?**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରସାର, ପ୍ରଚାର ତଥା ସୁରକ୍ଷା ପାଇଁ ଏହି ଏକାଡେମୀ ଗଠନ କରାଯାଇଥିଲା । ଏହା ସଂପୁର୍ଣ୍ଣ ରୂପେ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ହେବା ଶୁଭ ଲକ୍ଷଣ ନୁହେଁ । ଭାଷା ଓ ସାହିତ୍ୟ ପାଇଁ ସମସ୍ତେ ସଚେତନ ହେବା ଏକାନ୍ତ ଜରୁରୀ । ସାହିତ୍ୟପ୍ରେମୀ ବଦାନ୍ୟ ବ୍ୟକ୍ତିମାନେ ସଦିଚ୍ଛାର ହାତ ବଢାଇଲେ ଏକାଡେମୀର କାର୍ଯ୍ୟକ୍ରମ ପୁରପଲ୍ଲୀରେ ଆହୁରି ବ୍ୟାପକ ହୋଇପାରିବ । ସେଥିପାଇଁ ସାହିତ୍ୟିକ, ପାଠକ ଓ ସାଧାରଣ ଲୋକମାନେ ସହଯୋଗ କରନ୍ତୁ ।

# ଆମ ଚୁଲିରେ ଚିଲି ଚାଉମିନ୍



ଓଡିଶାର ଏକ ମଫ୍‌ସଲ ଗାଁ। ନାଁ ସଅଁରା। ସେହି ଗାଁରେ ରହନ୍ତି ବୈକୁଣ୍ଠ ନାୟକ। ବୃତ୍ତିରେ ଜଣେ ସରକାରୀ ଡ୍ରାଇଭର। ବୈକୁଣ୍ଠଙ୍କ ଦୁଇ ପୁଅ ମାଧବ ଓ ଗୋବିନ୍ଦ । ମାଧବ ପଢେ ଗାଁଠାରୁ ଅଳ୍ପ ଦୂରରେ ବ୍ଲକ୍ ଛକରେ ଥିବା କଲେଜରେ ଏବଂ ଗୋବିନ୍ଦ ପଢେ ଗାଁ ସ୍କୁଲ୍‌ରେ। ମାଧବ କଲେଜକୁ ଟିଫିନ୍ ନିଏ ନାହିଁ। ଗୋବିନ୍ଦ କିନ୍ତୁ ସାଙ୍ଗରେ ଟିଫିନ୍ ନିଏ। କେଉଁଦିନ ସେ ଟିଫିନ୍‌ରେ ନିଏ ପାଉଁରୁଟି ତ କେଉଁ ଦିନ ନିଏ ବନ୍। ଏଣୁ, ବୈକୁଣ୍ଠଙ୍କ ସ୍ତ୍ରୀଙ୍କୁ ପିଲାମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କଲାବେଳେ ଅଧିକ ପରିଶ୍ରମ କରିବାକୁ ପଡେ ନାହିଁ। ଆଉ ବ୍ରେଡ୍ ବା ବନ୍ ସାହି ମୁଣ୍ଡ ପାନ ଦୋକାନରେ ମିଳିଯାଏ । ଅନ୍ୟ ପକ୍ଷରେ ମାଧବ କଲେଜ ଯିବାବେଳେ ଘରୁ ଟଙ୍କା ନେଇଯାଏ । ଆଉ କଲେଜରୁ ଫେରିଲା ବେଳେ ସେ ବ୍ଲକ୍ ଛକରେ ଥିବା 'ଓପୋଲଫେଡ୍'ର ଫାଷ୍ଟ୍ ଫୁଡ୍ ଦୋକାନରୁ କେଉଁଦିନ ଚାଉମିନ୍ ତ କେଉଁଦିନ ଚିଲି ଚିକେନ୍ ତ ଆଉ କେବେ ରୋଲ୍ ଖାଇ ଦେଇ ଘରକୁ ଫେରେ। ଏହା ସବୁ ହେଲା ତା'ର ପସନ୍ଦର ଖାଦ୍ୟ । ଯଦିଓ ବୈକୁଣ୍ଠ ବାବୁ ମୂଳରୁ ଏଭଳି ଖାଦ୍ୟକୁ ପସନ୍ଦ କରୁନଥିଲେ, ଏବେ କିନ୍ତୁ ସମୟ ଏବଂ ସୁବିଧା ଦୃଷ୍ଟିରୁ ବ୍ରେଡ୍ ବା ନୁଡୁଲ୍‌ସ ଖାଇଲେଣି । ଯେହେତୁ ବୃତ୍ତିରେ ଜଣେ ଡ୍ରାଇଭର, ସେଥିପାଇଁ ଥରେ ଘରୁ ବାହାରି ଗଲେ, ଘରକୁ ଫେରିବାର ସମୟରେ କୌଣସି ଠିକ୍ ଠିକଣା ନଥାଏ। କାମରେ ଅଧିକାଂଶ ଦିନ ଗାଡି ନେଇ ବାହାରକୁ ଯିବାକୁ ପଡେ । ତେଣୁ ଅଧିକାଂଶ ଦିନ ସେ ଡାବାରେ ହିଁ ଖାଆନ୍ତି। ଆଉ ଡାବାରେ ଖାଇବା ବେଳେ ତାଙ୍କର ପସନ୍ଦର ଖାଦ୍ୟ ହେଲା ତନ୍ଦୁର ଚିକେନ୍ , ଆଉ ନାନ୍ ନହେଲେ ବିରିୟାନି।

ତେବେ ଏସବୁ ଖାଦ୍ୟ କଣ? ସେଗୁଡିକ ଆମ ଓଡିଆ ଖାଦ୍ୟ ତାଲିକା ଭିତରେ ପଶିଲା କେମିତି? କାରଣ ଦଶ ବା କୋଡିଏ ବର୍ଷ ପୂର୍ବରୁ ଆମେ ତ କାହିଁ ଏସବୁ ଖାଦ୍ୟର ନାମ ସୁଦ୍ଧା ଶୁଣି ନଥିଲୁ? ସେତେବେଳେ ଏସବୁ ଖାଦ୍ୟ ଥିଲେ ହୁଏତ ଥାଇପାରେ। କିନ୍ତୁ ବଡ ବଡ ମେଟ୍ରୋ ସହରର ପଞ୍ଚତାରକା ହୋଟେଲ୍‌ର ମେନୁ କାର୍ଡରେ । କିନ୍ତୁ ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଏ ସମସ୍ତ ଖାଦ୍ୟ ଆମ ଗାଁ ଗହଳି, ଛକ ବଜାର ତଥା ସାଧାରଣ ଘରେ ପହଞ୍ଚିଲାଣି। ଏବେ ଆମେ ଏପରି କୌଣସି ଗୋଟିଏ ଛକ ପାଇବା ନାହିଁ, ଯେଉଁଠାରେ କି ପାନ ଦୋକାନ ପାଖରେ ଗୋଟାଏ ଫାଷ୍ଟଫୁଡ୍‌ର ଦୋକାନଟିଏ ନଥିବ! କିନ୍ତୁ, ଏହାକୁ ଖାଇଲା ବେଳେ ଆମେ କେବେବି ଭାବୁନା, ଏସବୁ ଖାଦ୍ୟ କେଉଁ ଦେଶର? ବା ଏ ସବୁ ଖାଦ୍ୟର ଉତ୍ପତ୍ତି କେବେ, କିପରି ବା କେଉଁଠାରେ ହୋଇଥିଲା। ତେବେ, ଆସନ୍ତୁ ଆଜି ଏଠାରେ ଏପରି କିଛି ଖାଦ୍ୟ ବିଷୟରେ ଆଲୋଚନା କରିବା ଏବଂ ଏ ବାବଦରେ ଜାଣିବା ଆଉ କିଛି ଅଜ୍ଞାତ ତଥ୍ୟ।

> ଖାଇବା ବେଳେ ଆମେ କେବେ ଭାବୁନ, ଏ ସବୁ ଖାଦ୍ୟ କେଉଁ ଦେଶର ବା ଏ ସବୁ ଖାଦ୍ୟର ଉତ୍ପତ୍ତି କେବେ, କିପରି ଓ କେଉଁଠାରେ ହୋଇଥିଲା? ତେବେ, ଆସନ୍ତୁ ଆଜି ଏଠାରେ ଏପରି କିଛି ଖାଦ୍ୟ ସଂପର୍କରେ ଆଲୋଚନା କରିବା ଏବଂ ଏ ବାବଦରେ ଜାଣିବା ଆଉ କିଛି ଅଜ୍ଞାତ ତଥ୍ୟ । ଉପସ୍ଥାପନା: ପୁଷ୍ପମିତ୍ର ମହାନ୍ତି

## ନୁଡୁଲ୍‌ସ ଓ ଚାଉମିନ୍



ଆମର ଆଜିର ପରିବର୍ତ୍ତିତ ଖାଦ୍ୟ ଶୈଳୀରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି ନୁଡୁଲ୍‌ସ । ଆମ ବଜାରରେ ମଧ୍ୟ ଉପଲବ୍ଧ ହେଉଛି କିସମ କିସମର ନୁଡୁଲ୍‌ସ। ତେବେ, ନୁଡୁଲ୍‌ସ ହେଉଛି ଚୀନ ଦେଶର ମୁଖ୍ୟ ଖାଦ୍ୟ। ନୁଡୁଲ୍‌ସର ପ୍ରଚଳନ ପ୍ରଥମେ କେବେ ଓ କେଉଁଠାରେ ହୋଇଥିଲା, ସେ ସଂପର୍କରେ ଭିନ୍ନ ଭିନ୍ନ ତଥ୍ୟ ମିଳିଥାଏ। ତେବେ, ନୁଡୁଲ୍‌ସ ହେଉଛି ଏକ ପ୍ରାଚୀନ ଖାଦ୍ୟ । ଏହାର ପ୍ରଚଳନ ପ୍ରାୟ ଖ୍ରୀଷ୍ଟାବ୍ଦ ୧୦୦ରୁ ହୋଇଥିବା

ଜଣାଯାଏ । ନୁଡୁଲ୍‌ସର ପ୍ରଚଳନ ଯଦିଓ ସବା ଆଗେ ଇଟାଲୀରେ ଆରମ୍ଭ ହୋଇଥିଲା, ପରବର୍ତ୍ତୀ ସମୟରେ ଏହା ଚୀନରେ



ପଶି ପୁରା ଛାଇଗଲା। ଏବେ ଏହା ଚୀନ୍‌ର ମୁଖ୍ୟ ଖାଦ୍ୟ। ତେଣୁ ନୁଡୁଲ୍‌ସର ପ୍ରଚଳନ ସଂପର୍କରେ ଇଟାଲୀରେ ଯେତିକି ତଥ୍ୟ ମିଳିନଥାଏ, ତା'ଠାରୁ ବହୁ ଅଧିକ ତଥ୍ୟ ମିଳିଥାଏ ଚୀନ୍‌ରେ। ନୁଡୁଲ୍‌ସ ହେଉଛି, ସିମେଇ ଜାତୀୟ ଏକ ପଦାର୍ଥ। ଏହା ଚାଉଳ କିମ୍ବା ଗହମରୁ ପ୍ରସ୍ତୁତ ହୋଇଥାଏ। ପ୍ରଥମେ ଚାଉଳରୁ ଚାଉଳ ଚୁନା ବା ଗହମରୁ ଅଟା ପ୍ରସ୍ତୁତ କରାଯାଇ ସରୁ ସରୁ ଲମ୍ବା ଆକାରରେ ପ୍ରସ୍ତୁତ ହୁଏ ନୁଡୁଲ୍‌ସ।



ଚୀନ୍‌ରେ ନୁଡୁଲ୍‌ସ ଲୋକପ୍ରିୟତା ପାଇ ଯିବା ପରେ ଚୀନ୍‌ର ଶାସକମାନେ ନୁଡୁଲ୍‌ସକୁ କେନ୍ଦ୍ର କରି ଆରମ୍ଭ କରିଦେଇଥିଲେ ବିଭିନ୍ନ କିସମର ପରୀକ୍ଷା ନିରୀକ୍ଷା ଏବଂ ନୁଡୁଲ୍‌ସ କିପରି ଭାବେ ଅତ୍ୟାଧୁନିକ ପଦ୍ଧତିରେ ପ୍ରସ୍ତୁତ କରାଯିବ, ସେ ସଂପର୍କରେ ଉଦ୍ୟମ। ପରେ ପରେ ଚୀନ୍‌ର ଶାସକ ମାନେ ମଧ୍ୟପ୍ରାଚ୍ୟ ଦେଶଗୁଡିକର ସାହାଯ୍ୟ ନେଇ ମେସିନ୍ ସାହାଯ୍ୟରେ ନୁଡୁଲ୍‌ସ ତିଆରି ଆରମ୍ଭ କରିଥିଲେ। ନୁଡୁଲ୍‌ସ ଲୋକପ୍ରିୟତା ହାସଲ କରିବା ଦିଗରେ ଅନ୍ୟ ଏକ କାରଣ ମଧ୍ୟ ନିହିତ ଥିଲା। କାରଣ ଏହା



ଅନ୍ୟ ଖାଦ୍ୟ ତୁଳନାରେ ଅପେକ୍ଷାକୃତ ଭାବେ ଅଧିକ ଶସ୍ତା ଥିବାରୁ ଏବଂ ଏହା ଚଟାପଟ୍ ତିଆରି ହୋଇପାରୁଥିବାରୁ, ଏହା ଅଧିକ ଲୋକପ୍ରିୟତା ପାଇଲା। ବର୍ତ୍ତମାନ ନୁଡୁଲ୍‌ସ ବିଶ୍ୱବ୍ୟାପୀ। ତେବେ ଭାରତୀୟମାନଙ୍କ ଜିଭକୁ ନଜରରେ ରଖି କିଛି କଂପାନି ସେମାନଙ୍କ ନୁଡୁଲ୍‌ସରେ ଚଟ୍‌ପଟା ଓ ଟିକିଏ ରାଗ ମସଲା ଦେବାକୁ ଭୁଲୁ ନାହାନ୍ତି। ନୁଡୁଲ୍‌ସରୁ ହିଁ ପ୍ରସ୍ତୁତ ହୋଇଥାଏ ଚାଉମିନ୍।

## ଭାରତୀୟ ଜଳଖିଆ ବନାମ୍ 'ମାଗି'




ନୁଡୁଲ୍‌ସର ଏକ ପରିବର୍ଧିତ ଓ ପରିମାର୍ଜିତ ସଂସ୍କରଣ ହେଉଛି, 'ମାଗି'। ବହୁ ରାଷ୍ଟ୍ରୀୟ କଂପାନି ନେସ୍‌ଲେ ଅଶି ଦଶକର ଆରମ୍ଭରେ 'ମାଗି' ପ୍ରସ୍ତୁତ କରି ବଜାରକୁ ଛାଡିଲା। ନେସ୍‌ଲେ କଂପାନୀ ଦ୍ୱାରା ପ୍ରସ୍ତୁତ ମାଗି ଯେତେବେଳେ ଭାରତୀୟ ବଜାରରେ ପ୍ରବେଶ କଲା, ସେତେବେଳେ ସମଗ୍ର ଦେଶରେ ଏକ ରକମର ଚହଳ ପଡିଯାଇଥିଲା। ଗୋଟିଏ ବାକ୍ୟରେ କହିଲେ, ମାଗି ଭାରତୀୟ ଖାଦ୍ୟ ବଜାରରେ ଆଣିଥିଲା ଏବ ବିପ୍ଳବ। ଏହା ପଛରେ ରହିଥିଲା ଅବଶ୍ୟ ଦୁଇଟି କାରଣ। ପ୍ରଥମ କାରଣଟି ଥିଲା ଭାରତୀୟ ବଜାରରେ




ମିଳୁଥିବା ଅନ୍ୟ ସମସ୍ତ ଖାଦ୍ୟ ପଦାର୍ଥଠାରୁ ଏହା ଥିଲା ବେଶ ଶସ୍ତା ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ ଦୁଇ ମିନିଟ୍‌ରୁ କମ୍ ସମୟ ଲାଗୁଥିଲା। ସବୁଠାରୁ ବଡକଥା ହେଲା ରୋଷେଇର 'ର' ଅକ୍ଷର ଜାଣିନଥିବା ଲୋକମାନେ ମଧ୍ୟ ଏହାକୁ ପ୍ରସ୍ତୁତ କରିପାରୁଥିଲେ। ମାତ୍ର ଗୋଟିଏ କପ୍ ଗରମ ପାଣିରେ ଏହାକୁ ପକାଇଦେଲେ ଏହା ଆପେ ଆପେ ପ୍ରସ୍ତୁତ ହୋଇ ଖାଦ୍ୟୋପଯୋଗୀ ହୋଇଯାଉଥିଲା। ପିଲା ଠାରୁ ବୁଢା ଯାଏଁ ସମସ୍ତେ କ୍ରମେ 'ମାଗି' ପ୍ରିୟ ହୋଇ ପଡିଥିଲେ। 'ମାଗି'ର ଲୋକପ୍ରିୟତା ଦେଖି ଅନେକ କଂପାନି ଦୁଇ ମିନିଟିଆ ନୁଡୁଲ୍‌ସ ତିଆରି କଲେଣି। କିନ୍ତୁ, ତାହା ଯେଉଁ କଂପାନିର ବା ଯେଉଁ ନାମର ହେଇଥାଉ ନା କାହିଁକି, ଲୋକେ ଏବେ ବି ସେ ଜାତୀୟ ଜିନିଷକୁ 'ମାଗି' ବୋଲି କହୁଛନ୍ତି।

## ଚିଲି ଚିକେନ୍ ଓ ତନ୍ଦୁର ଚିକେନ୍

ଯଦିଓ ଭାରତୀୟ ମେନୁ କାର୍ଡରେ ଚିକେନ୍‌ରୁ ପ୍ରସ୍ତୁତ ହେଉଥିବା ଖାଦ୍ୟ ତାଲିକା ପ୍ରାୟ ଶହେରୁ ଊର୍ଦ୍ଧ୍ୱ ହେବ ତଥାପି ଭାରତର ସବୁଠାରୁ ଲୋକପ୍ରିୟ ଚିକେନ୍ ବ୍ୟଞ୍ଜନ ହେଉଛି, 'ଚିଲି ଚିକେନ୍'। ତା'ପରେ ଆସିବ ତନ୍ଦୁର ଚିକେନ୍। ଇତିହାସ କହେ ଯେ ଚିକେନ୍‌କୁ ଏକ ଖାଦ୍ୟ ରୂପେ ଗ୍ରହଣ କରିବାର ପ୍ରଥା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ ହେଲା। ଚୀନର ଅଧିବାସୀମାନେ ସର୍ବପ୍ରଥମ ଏହାକୁ ଏକ ଖାଦ୍ୟ ପଦାର୍ଥର ମାନ୍ୟତା ଦେଇଥିଲେ। ପରେ ପରେ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ଚିକେନ୍‌କୁ ଭୋଜ୍ୟବସ୍ତୁ ରୂପେ ଗ୍ରହଣ କଲେ। ତେବେ 'ଚିଲି ଚିକେନ୍'ର


ପ୍ରଚଅଳନ ସର୍ବପ୍ରଥମେ ଚୀନ୍ ଦେଶରେ ଆରମ୍ଭ ହୋଇଥିବା ବେଳେ 'ତନ୍ଦୁର ଚିକେନ୍'ର ପ୍ରଚଳନ ମଧ୍ୟପ୍ରାଚ୍ୟର ଦେଶମାନଙ୍କରେ ଆରମ୍ଭ ହୋଇଥିଲା। ଚିଲି ଚିକେନ୍‌ରେ କୁକୁଡା ମାଂସକୁ ଛୋଟ ଖଣ୍ଡରେ କାଟି ମସଲା ସାହାଯ୍ୟରେ ପ୍ରସ୍ତୁତ କରାଯାଉଥିବା ବେଳେ ତନ୍ଦୁର ଚିନେକ୍‌ରେ କୁକୁଡାକୁ ଛୋଟ ଛୋଟ ପିସ୍ ନ କରି ସଂପୂର୍ଣ୍ଣ ଗୋଟା ଥିବା ଅବସ୍ଥାରେ ବିଭିନ୍ନ ପ୍ରକାର ମସଲାରେ ପ୍ରାୟ ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବୁଡାଇ ରଖି ସେହି ଅବସ୍ଥାରେ ପୋଡିଦିଆଯାଏ।

ଏବେ ଭାରତରେ ଚିଲି ବା ତନ୍ଦୁର











ଅଧିକ ଲୋକପ୍ରିୟ ହେଉଥିବାର କାରଣ ହେଉଛି ଏହା ଖାଇବାକୁ ଇଛା ହେଲେ କୌଣସି ବଡ ହୋଟେଲ୍‌କୁ ଯାଇ ସେଠାରେ ଅଧିକ ଅର୍ଥ ଶ୍ରାଦ୍ଧ କରିବାର ଆବଶ୍ୟକତା ନାହିଁ। ରାସ୍ତା କଡର ଡାବା, ଫାଷ୍ଟ ଫୁଡ୍ ଦୋକାନ ଠାରୁ ଆରମ୍ଭ କରି ଗଳି ଭିତରର ଗୁମୁଟି ହୋଟେଲ୍‌ରେ ମଧ୍ୟ ଏହା ବେଶ ଶସ୍ତାରେ ଉପଲବ୍ଧ।

## ରୋଲ୍

ଭାରତୀୟ ଖାଦ୍ୟ ପ୍ରେମୀମାନଙ୍କ ନିକଟରେ ରୋଲ୍ ମଧ୍ୟ ବହୁ ପରିଚିତ ନାମ। ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହା ଏକ ବେଶ ସୁସ୍ୱାଦୁ ଖାଦ୍ୟ। ଏହାର ପ୍ରମୁଖ କାରଣ ହେଲା ଦାମ୍ ତୁଳନାରେ ଏହାର ସ୍ୱାଦ। ଜଣେ ଭୋକିଲା ଲୋକପାଇଁ ଦୁଇଟି ରୋଲ୍‌ହିଁ ଯଥେଷ୍ଟ। ନୁଡୁଲ୍‌ସ ପରି ରୋଲ୍ ମଧ୍ୟ ଚୀନ୍‌ର ଏକ ଲୋକପ୍ରିୟ ଖାଦ୍ୟ। ସେହିଠାରେ ହିଁ ଏହାର ଉତ୍ପତ୍ତି ଘଟିଥିଲା। ଏବେ ଆମ ଖାଦ୍ୟ ବଜାରରେ ରୋଲ୍‌ର ଚାହିଦା ବଢି ବଢି ଚାଲିଛି। ଚିକେନ୍ ରୋଲ୍, ଭେଜ ରୋଲ୍, ଏଗ୍ ରୋଲ୍, ଓ ପନୀର ରୋଲ୍ ହେଉଛି ଆମ ବଜାରର ଲୋକପ୍ରିୟ ଭେରାଇଟି। ଗୋଟିଏ ରୋଲ୍ ପ୍ରସ୍ତୁତ କରିବା ପାଇଁ ଲାଗିଥାଏ ମାତ୍ର ପାଞ୍ଚ ମିନିଟ୍ ସମୟ ଆଉ ସ୍ୱାଦର ତୁଳନା ନାହିଁ।


## ବ୍ରେଡ୍, ବନ୍ ଓ ପିଜା

ଏବେ ସବୁଠି ବ୍ରେଡ୍ ବା ପାଉଁରୁଟି ହେଉଛି ସକାଳର ମୁଖ୍ୟ ଜଳଖିଆ। ସହରୀ ଘର ମାନଙ୍କରେ 'ବ୍ରେଡ୍ ଟୋଷ୍ଟ', ସାଣ୍ଡଉଇଚ୍ ଏବଂ ଫ୍ରେଞ୍ଚ୍ ଟୋଷ୍ଟ ଆଦି ତିଆରି ହେଲା ବେଳକୁ ଗାଁ ମାନଙ୍କରେ କ୍ଷୀର ସହିତ ବା ଚା ସହିତ ବ୍ରେଡ୍









ବେଶ୍ ଭଲ ଚାଲୁଛି। ଏହା ବହୁତ ଶସ୍ତା ଏବଂ ସବୁ ସ୍ଥାନରେ ପାଉଁରୁଟି ଭାଟିମାନ ବସି ଏହା ପ୍ରଚୁର ପରିମାଣରେ ତିଆରି ହେଉଛି। ପାଉଁରୁଟିର ପ୍ରଚଳନ କେବେ ଓ କେଉଁଠାରେ ଆରମ୍ଭ ହୋଇଥିଲା ସେ ସଂପର୍କରେ ଭିନ୍ନ ଭିନ୍ନ ତଥ୍ୟ ମିଳିଥାଏ। କେତେକ କହନ୍ତି ଯେ ପାଉଁରୁଟି ବା ବ୍ରେଡ୍‌ର ପ୍ରଚଳନ ସର୍ବ ପ୍ରଥମେ ଆମେରିକାରେ ହୋଇଥିଲା। ତେବେ, ଆଉ କେତେକ ଏହାର ପ୍ରଚଳନ ପ୍ରଥମେ ରୋମ୍ ଓ ଇଟାଲୀରେ ହୋଇଥିଲା ବୋଲି କହିଥାନ୍ତି। ତେବେ ଆଜି ବିଶ୍ୱରେ ଏପରି କୌଣସି ଦେଶ ନାହିଁ, ଯେଉଁଠାରେ ଲୋକମାନେ ବ୍ରେଡ୍ ବା ପାଉଁରୁଟି ଖାଉ ନଥିବେ। ବ୍ରେଡ୍ ଓ ପାଉଁରୁଟିରୁ ମଧ୍ୟ ପ୍ରସ୍ତୁତ ହୋଇଥାଏ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ। ଏବେ ପ୍ରାୟ ସବୁ ପାନ ବା ଚା ଦୋକାନୀଙ୍କ ପାଖରେ ପାଉଁରୁଟି କିଣିବାକୁ ମିଳୁଛି। ଏଇଥିରୁ ହିଁ ବ୍ରେଡ୍ ବା ପାଉଁରୁଟିର ଲୋକପ୍ରିୟତା ସହଜରେ ଅନୁମେୟ।

ମଧ୍ୟପ୍ରାଚ୍ୟର ଦେଶମାନେ ବ୍ରେଡ୍ ପ୍ରସ୍ତୁତି କ୍ଷେତ୍ରରେ ବେଶ୍ ଆଗୁଆ ଏବଂ ସମଗ୍ର ବିଶ୍ୱରେ ମଧ୍ୟପ୍ରାଚ୍ୟ ବ୍ରେଡ୍‌ର ରହିଛି ଏକ ସ୍ୱତନ୍ତ୍ର ଚାହିଦା। ବନ୍ ଓ ପିଜା ହେଉଛି ବ୍ରେଡ୍‌ର ନୂତନ ତଥା ପରିବର୍ଦ୍ଧିତ ସଂସ୍କରଣ। ପିଜାର ପ୍ରବେଶ ଭାରତୀୟ ବଜାରରେ ବିଂଶ ଶତାବ୍ଦୀର ଶେଷ ଭାଗରେ ଘଟିଥିବା ବେଳେ ଏହାର ଚାହିଦା ଓ ଲୋକପ୍ରିୟତା ଏବେ ଦିନୁ ଦିନ ବଢିବାକୁ ଲାଗିଛି। ସମଗ୍ର ବିଶ୍ୱରେ ବ୍ରେଡ୍‌ର ଲୋକପ୍ରିୟତା ଶୀର୍ଷରେ ରହିଥିବା

ବେଳଏ ଆମ ରାଜ୍ୟ ଓଡିଶାରେ ମଧ୍ୟ ଏହାର ଆଦର କିଛି କମ ନୁହେଁ। ଗୋଟିଏ








ଉଦାହରଣ ଦେଲେ ଜଣାପଡିଯିବ ଆମ ଚଳଣି ଭିତରକୁ ବ୍ରେଡ୍ ଓ ବନ୍ କେତେ ପରିମାଣରେ ପ୍ରବେଶ କଲାଣି । ତାହା ହେଲା, ବର୍ତ୍ତମାନ ରାଜ୍ୟର କିଛି ମନ୍ଦିରରେ ପାରଂପରିକ ପିଠା ଓ ମିଠା ସହିତ ଭୋଗ ଲାଗୁଛି ବ୍ରେଡ୍ ଓ ବନ୍ ।

# ଖେଳ ରାଇଜରେ ଓଡିଆଣୀ

ବିନା ଭିତ୍ତିଭୂମି ଓ ପ୍ରୋତ୍ସାହନରେ ବି ଓଡିଶାର ମହିଳା ଖେଳାଳିମାନେ ଏବେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସକ୍ଷମ ହେଲେଣି । ଏବେ ସମ ଆସିଛି ଏମାନଙ୍କୁ ଆଗେଇ ନେବାର ।

ଜାତୀୟ ହେଉ କି ଅନ୍ତର୍ଜାତୀୟ, ଓଡିଶାର କ୍ରୀଡାବିତ୍; ବିଶେଷ କରି ମହିଳା କ୍ରୀଡାବିତ୍ ମାନେ ଏବେ ରାଜ କରିବା ଆରମ୍ଭ କରିଦେଇଛନ୍ତି । ପୂର୍ବରୁ ସାଇକେଲ୍ ଚାଳନା ପାଇଁ ମିନତି ମହାପାତ୍ର ବା ଆଥ୍ଲେଟିକ୍ସ ପାଇଁ ରଚିତା ପଣ୍ଡା ବିଶ୍ୱ ଖେଳ ଜଗତରେ ଓଡିଶାକୁ ପରିଚିତ କରାଇଥିଲେ । କିନ୍ତୁ ଏମାନଙ୍କଠାରୁ ରିଲେ ବାଡିକୁ ବହୁ ଆଗକୁ ବଢେଇ ନେବାରେ ସାହାଯ୍ୟ କରୁଛନ୍ତି ଏବେ ଏକାଧିକ ଓଡିଆଣୀ । ହକିରେ ଜ୍ୟୋତି ସୁନିତା କୁଲୁ ହୁଅନ୍ତୁ ଅବା ଫୁଟ୍‌ବଲ୍‌ରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଏମାନେ ଶୀର୍ଷରେ ପହଞ୍ଚିଥିବା ବେଳେ ଭାରୋତ୍ତଳନରେ ପ୍ରଶ୍ମିତା ମଙ୍ଗରାଜ ଓ ରାନୁ ମହାନ୍ତି, ଚେସ୍‌ରେ ପଦ୍ମିନୀ ରାଉତ ପ୍ରମୁଖ ବେଶ୍ ଆଗରେ । ତେବେ ବ୍ୟକ୍ତିଗତ ଖେଳ ଅପେକ୍ଷା ଦଳୀୟ ଖେଳରେ ଓଡିଶା ଏବେ ବେଶ୍ ଆଗକୁ ଆଗକୁ ମାଡି ଚାଲିଥିବା ଲକ୍ଷ୍ୟ କରାଯାଉଛି । ହକି, ଫୁଟ୍‌ବଲ୍, କବାଡି ଓ ରୋଇଂ ଭଳି ଦଳଗତ ଖେଳରେ ଓଡିଶା ହାସଲ କରିଥିବା ସଦ୍ୟତମ ସଫଳତା ଏହା ପ୍ରମାଣ କରେ ।


ବଙ୍ଗଳାଦେଶକୁ ହରାଇଥିବା ଓଡ଼ିଶା କବାଡ଼ି ଦଳ



ଅଗଷ୍ଟ ମାସ ଆରମ୍ଭରୁ ଓଡିଶା ଜୁନିୟର ଫୁଟ୍‌ବଲ୍ ଦଳ ଜାତୀୟ ସ୍ତରରେ ମଣିପୁରର ଏକାଧିପତ୍ୟକୁ ଭାଙ୍ଗି ଚଂପିୟାନ ହେବା ଆନନ୍ଦର ଲହରୀ ଖେଳାଇ ଦେଇଥିଲା; କାରଣ ଏହା ପୂର୍ବରୁ ଓଡିଶା ସିନିୟର, ଜୁନିୟର କିମ୍ବା ସବ୍ ଜୁନିୟର ଦଳ କୌଣସି ଫାଇନାଲ୍ ମ୍ୟାଚ୍‌ରେ ମଣିପୁରକୁ ହରାଇ ନଥିଲା । ହକିରେ ତ ଓଡିଶା ସିନିୟର ଓ ଜୁନିୟର ଦଳ ସବୁବେଳେ ଆଗରେ ରହି ଆସିଛନ୍ତି । ନିକଟରେ ବିଶ୍ୱକପ୍ ମହିଳା ହକି ପାଇଁ ମନୋନୀତ ଦଳରେ ଓଡିଶାର ୭ ଜଣ ଖେଳାଳି ସ୍ଥାନ ପାଇବା ଏହାର ପ୍ରମାଣ । ଗତ ସପ୍ତାହରେ କଟକ ଆସିଥିବା ବଙ୍ଗଳାଦେଶର ଜାତୀୟ ମହିଳା କବାଡି ଦଳକୁ ପରାଜିତ କରି ଓଡିଶା ଦଳ ପୁଣି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି ।

ଓଡିଶା ସିନିୟର ମହିଳା ଫୁଟ୍‌ବଲ୍ ଦଳ ଜାତୀୟ ରନର୍ସ ଅପ୍ ହୋଇଥିବାବେଳେ ସବୁଠୁ ଉଲ୍ଲେଖଯୋଗ୍ୟ ରହିଛି ଚଳିତବର୍ଷ



ଜୁନିୟର ମହିଳା ଫୁଟ୍‌ବଲ୍ ଦଳ ଜାତୀୟ ଚାଂପିୟନ ହେବା। ଏହା ଓଡିଶା ପାଇଁ ଏକ ସ୍ୱପ୍ନ ଥିଲା ଓ ଏବେ ତାହା ସାର୍ଥକ ହୋଇଛି। ଏହା ଛଡା ଜାତୀୟ ଜୁନିୟର ରୋଇଂ ଚାଂପିୟନସିପ୍‌ରେ ନିକଟରେ ଓଡିଶା ଚାଂପିୟନ ଆଖ୍ୟା ଅର୍ଜନ କରିଛି। ବ୍ୟକ୍ତିଗତ ସଫଳତା ପ୍ରତି ନଜର ପକାଇଲେ ଲକ୍ଷ୍ୟ କରାଯାଏ ସୁନିତା କୁଲୁ ଓ ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ ନିଜର ଦକ୍ଷତା ବଳରେ ଏବେ ଜାତୀୟ ହକି ଓ ଫୁଟ୍‌ବଲ୍ ଦଳର ଅଧିନାୟିକା ହୋଇ ପାରିଛନ୍ତି । ଭାରୋତ୍ତଳନରେ ପ୍ରଶ୍ମିତା ମଙ୍ଗରାଜ ଓ ରାନୁ ମହାନ୍ତି ଆନ୍ତର୍ଜାତିକ ସ୍ତରରେ ପଦକ ଜିଣି ଓଡିଶାର ସମ୍ମାନ ବୃଦ୍ଧି କରିଛନ୍ତି। ଅନୁରାଧା ବିଶ୍ୱାଳ ମଧ୍ୟ ଆଥ୍‌ଲେଟିକ୍ସ ରେ ଆନ୍ତର୍ଜାତିକ ପଦକ ଜିଣିଛନ୍ତି। ମାରାଥନରେ ସରସ୍ୱତୀ ଚାନ୍ଦ ରାଜ୍ୟର ନାମ ଉଜ୍ଜଳ କରିଛନ୍ତି। ଭଲିବଲ୍‌ରେ ଝିଲିଲତା ସେଣ ଆନ୍ତର୍ଜାତିକ ସ୍ତରରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ରୋଇଂରେ ପ୍ରଭାସିନୀ ଦ୍ୱିବେଦୀ ଆନ୍ତର୍ଜାତିକ ପଦାର୍ପଣ କରିଛନ୍ତି । ସେହିପରି ରୋଇଂରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି ସାଗରିକା ବାର୍କ, ଭାଗ୍ୟବତୀ ମଲ୍ଲିକ, ମାଳବିକା ଦାସ, ପ୍ରିୟଦର୍ଶିନୀ ରାଉତ ଓ ମମତା ଜେନା। ଶକ୍ତି ଉତ୍ତୋଳନରେ ମନ୍ଦାକିନୀ ମହନ୍ତ ଆନ୍ତର୍ଜାତିକ ପଦକ ଜିଣିଛନ୍ତି। ଜାଭେଲିନ୍ ଥ୍ରୋରେ କାନ୍ତି ସୁଚିତା ଏକ୍କା ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ବିଜୟିନି ହୋଇଥିବା ବେଳେ ମଧୁସ୍ମିତା ନାୟକ ଆଥ୍‌ଲେଟିକ୍ସ ରେ ଜାତୀୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ବକ୍ସିଂରେ ମାର୍ଗାରିଟା ତିର୍କୀ ଓ ଅଖ୍‌ତରୀ ଖନମ୍ ଜାତୀୟ ସ୍ତରରେ ସଫଳତା ହାସଲ କରିଛନ୍ତି। ହାଇଜଂପରେ ପାର୍ବତୀ ବିଶ୍ୱାଳ ଜାତୀୟ ସ୍ତରରେ ପଦକ ହାସଲ କରିଥିବା ବେଳେ ଲନ୍ ଟେନିସ୍‌ରେ ସୁସ୍ମିତା ଦାସ ସିଙ୍ଗଲ୍‌ସ୍ ଓ ଡବଲ୍‌ସରେ ଚାଂପିୟନ ହୋଇଛନ୍ତି । ଆଥ୍‌ଲେଟିକ୍ସ ରେ ନୀଲେନ୍ଦ୍ରି ବେହେରା, ଇପ୍ସିତା ସାହୁ, ରଞ୍ଜିତା ଖେସ୍, କବିତା ମହନ୍ତ, ଅମୃତା ସେଠୀ, ମୀନ ମହନ୍ତ, ଗୀତାଞ୍ଜଳି ଜେନା, ପାର୍ବତୀ ହାଂସଦା, ମମତାମୟୀ ଦାସ, ଶିଲ୍ପା ସ୍ୱାଇଁ, ନମିତା ସାମଲ ଓ ରଜନୀ ହେମ୍ବ୍ରମ୍ ପ୍ରମୁଖ ଜୁନିୟର, ସବ୍ ଜୁନିୟର ଓ ସିନିୟର ବିଭାଗରେ ଜାତୀୟ ସ୍ତରରେ ସଫଳତା ହାସଲ କରିଛ୍ନ୍ତି। ଜାତୀୟ ହକି ଦଳରେ ସୁନୀତାଙ୍କ ବ୍ୟତୀତ ସୁଭଦ୍ରା ପ୍ରଧାନ, ଅନ୍ନାରିତା କେର୍‌କେଟା, ବିନିତା ଟୋପ୍ପୋ ପ୍ରମୁଖ ବେଶ୍ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ତେବେ ସିନିୟର ଫୁଟ୍‌ବଲ୍ ଦଳର ଅଧିନାୟିକା ଅଛନ୍ତି ଆଉଜଣେ ଶ୍ରଦ୍ଧାଞ୍ଜଳୀ (ସାହୁ)।

ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଓଡିଶାର ଖେଳ ଓ ଖେଳାଳୀଙ୍କୁ ପ୍ରୋତ୍ସାହନ ମିଳୁ ନାହିଁ ବୋଲି ସବୁ ମହଲରେ ଅଭିଯୋଗ ହେଉଥିବା ବେଳେ ଏମାନେ ସମସ୍ତ ପ୍ରତିବନ୍ଧକ ଦୂରକରି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ନିଜର ଦକ୍ଷତା ପ୍ରଦର୍ଶନ କରିପାରିଛନ୍ତି । ଓଡିଶାରେ କ୍ରୀଡା ଭିତ୍ତିଭୂମି ସ୍ଥାପନ କରିବା ସହିତ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଦେଲେ ଏହି ରାଜ୍ୟର ଖେଳାଳି କେବଳ ନିଜର ନୁହେଁ ସାରା ଦେଶର ନାମ ଉଜ୍ଜଳ କରିବେ।

### ଏମାନେ ଆମର ଭବିଷ୍ୟତ

ଅଜଣା ଅଶୁଣା ଥିବା ଓଡିଶାର ଜୁନିୟର ମହିଳା ଫୁଟ୍‌ବଲ୍ ଦଳ ହଠାତ୍ ଶକ୍ତିଶାଳୀ ମଣିପୁରକୁ ହରାଇ ଜାତୀୟ ଚାଂପିୟନ ହେବା ଘଟଣା ଓଡିଶାବାସୀଙ୍କୁ ଯେତିକି ଚକିତ ନ କରିଛି, ଓଡିଶାର ଝିଅମାନେ




ଯେ ଜାତୀୟ ଫୁଟ୍‌ବଲ୍ ମାନଚିତ୍ରରେ ଏକ ମାଇଲ୍‌ଖୁଣ୍ଟ ସ୍ଥାପନ କରିବାକୁ ସକ୍ଷମ ହୋଇଛନ୍ତି ତାହା ହିଁ ଅନେକ ଆଶାର ସଞ୍ଚାର କରିଛି। ସିନିୟର ଜାତୀୟ ଦଳକୁ ଓଡିଶାର ଜଣେ ଖେଳାଳି ନେତୃତ୍ୱ ନେଉଥିବା ବେଳେ ବିନା ପ୍ରୋତ୍ସାହନରେ ଆମର ବାଳିକାମାନେ ଜାତୀୟ ଚାଂପିୟନ ହେବା ଆମର ଆଖି ଖୋଲି ଦେଇଛି। ଓଡିଶାରେ ମହିଳା ଫୁଟ୍‌ବଲ୍‌ର ଇତିହାସ ପୁରୁଣା ନୁହେଁ; କିନ୍ତୁ ଅଳ୍ପ କାଳ ମଧ୍ୟରେ ଏହା ଯେତିକି

ଆଗେଇ ଯାଇଛି ତା'ର ଶ୍ରେୟ କେବଳ ଖେଳାଳି ଓ କେଇଜଣ ହାତଗଣତି ସଂଗଠକଙ୍କୁ ମିଳିପାରେ। ଦେଶର ସମସ୍ତ ପ୍ରତିଯୋଗିତାରେ ସିନିୟର୍, ଜୁନିୟର ଓ ସବ୍ ଜୁନିୟର ବିଭାଗରେ ଓଇଶା ଖେଳାଳିମାନେ ପ୍ରଭାବଶାଳୀ କ୍ରୀଡାନୈପୁଣ୍ୟ ପ୍ରଦର୍ଶନ କରି ଆସୁଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ଉଦ୍ୟମରେ ହିଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାହୁ, ଜାତୀୟ ଚାଂପିୟନସିପ୍‌ରେ ସର୍ବାଧିକ ଗୋଲ ସ୍କୋର କରିଥିବା ଝିଲ୍ଲୀ ମୁଣ୍ଡା, ଫାଇନାଲ ମ୍ୟାଚ୍‌ରେ ନିର୍ଣ୍ଣାୟକ ଗୋଲ୍ ସ୍କୋର କରିଥିବା ଓ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ରସ୍ମିତା ପୋତ, ଶ୍ରେଷ୍ଠ ଗୋଲକିପର୍ ବିବେଚିତ ଅହଲ୍ୟା, ଅନ୍ୟତମ ଶ୍ରେଷ୍ଠ ଖେଳାଳି ସନ୍ତୋଷିନୀ ଓରାମ ପ୍ରମୁଖ ଯେ ଭାରତୀୟ ଫୁଟ୍‌ବଲ୍‌ର ଭବିଷ୍ୟତ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ।

# ନ୍ୟୁୟର୍କରେ ଓଡିଆ

## କେମିତି ପାଳିଲେ ସ୍ୱାଧୀନତା ଦିବସ



ଭରତରେ ଗତ ଅଗଷ୍ଟ ୧୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି ୫୯ତମ ସ୍ୱାଧୀନତା ଦିବ୍ସ। ସ୍ୱାଧୀନତା ଦିବସ ପାଳନ ଉତ୍ସବ କେବଳ ଭାରତ ଭିତରେ ସୀମିତ ନ ଥିଲା। ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରବାସୀ ଭାରତୀୟମାନେ ମଧ୍ୟ ସମାନ ଉତ୍ସାହ ଉ ଉଦ୍ଧୀପନାର ମଧ୍ୟରେ ଏହି ଦିନଟିକୁ ପାଳନ କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ମହାନଗରରେ ପ୍ରବାସୀ ଓଡିଆ ମାନେ ମଧ୍ୟ ଏଥିରୁ ବାଦ୍ ପଡିନଥିଲେ। ଆମେରିକାରେ ପ୍ରବାସୀ ଓଡିଆ ସଂଗଠନ ଓଏସ୍ଏଏନ୍ୱାଇ-ଏନ୍‌ଜେର ସଦସ୍ୟମାନେ ଅଗଷ୍ଟ ୨୦ ତାରିଖରେ ପାଳନ କରିଥିଲେ ସ୍ୱାଧୀନତା ଦିବସ। ଏହି ବର୍ଣ୍ଣାଢ୍ୟ ଉତ୍ସବରେ ସଂଗଠନର ସଦସ୍ୟମାନଙ୍କ ସହ ସାମିଲ ହୋଇଥିଲେ ମହାନ୍‌ଗରରେ ରହୁଥିବା ସମସ୍ତ ଓଡିଆ ଓ ଭରତର ବିଭିନ୍ନ ପ୍ରଦେଶର ଅଧିବାସୀ ମାନେ। କୋଣାର୍କ ଚକ୍ର ଓ ମୁକ୍ତେଶ୍ୱର ମନ୍ଦିରର ତୋରଣ ଡାଞ୍ଚାରେ ସଜ୍ଜିତ ହୋଇଥିଲା ମଞ୍ଚ। ମଞ୍ଚରେ ପୁଣି ରହିଥିଲା ତାଳଧ୍ୱଜ, ନନ୍ଦିଘୋଷ ଓ ଦେବଦଳନ ରଥ ଚିତ୍ରାଙ୍କିତ ପର୍ଦ୍ଦା। ଏହି ଭଳି ସଜ୍ଜିତ ମଞ୍ଚ ଉପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶାର ପରଂପରା, ଐତିହ୍ୟ, ଜଗନ୍ନାଥ ସଂସ୍କୃତି, ଓଡିଶାର ସମୃଦ୍ଧ ପ୍ରାକୃତିକ ସମ୍ବଳ, ଓଡିଆ ଚଳଣି ଆଦି ବର୍ଣ୍ଣନା କରିବାରେ ବକ୍ତାମାନେ ଶତମୁଖ ହୋଇ ପଡିଥିଲେ । ଉପସ୍ଥିତ ଦର୍ଶକ ଓ ଶ୍ରୋତାମାନେ ମଧ୍ୟ ଆଗ୍ରହର ସହିତ ଏହା ଶୁଣିଥିଲେ।

ଏହାପରେ ପ୍ରଦର୍ଶିତ ହୋଇଥିଲା ଓଡିଶାର ଏକାନ୍ତ, ନିଜସ୍ୱ ଓଡିଶୀ ନୃତ୍ୟ। ପ୍ରବାସୀ ଭାରତୀୟଙ୍କ ସହ ସେଠାରେ ଉପସ୍ଥିତ



ବିଶ୍ୱର ବିଭିନ୍ନ ଦେଶର ଅଧିବାସୀ ମାନଙ୍କୁ କିଛି ସମୟ ପାଇଁ ମନ୍ତ୍ରମୁଗ୍ଧ କରି ରଖିଥିଲେ ଦେବଦାସୀ ସଦୃଶ୍ୟ ଓଡିଶୀ ନୃତ୍ୟ କରୁଥିବା କଳାକାରମାନେ।

ଗତ ୨୬ ବର୍ଷ ଧରି ଆଇ ଏଫ୍ ଏ ଭାରତ ଦିବସ ପ୍ୟାରେଡ୍ ଆୟୋଜନ କରି ଆସୁଛି ଏଠାରେ। ୩ବର୍ଷ ହେଲା ପ୍ରବାସୀ ଓଡିଆ ମାନେ ଏହି ପ୍ୟାରେଡ୍‌ରେ ଅଂଶଗ୍ରହଣ କରୁଛନ୍ତି। ଚଳିତ ବର୍ଷ ମଧ୍ୟ ଏହି ପ୍ୟାରେଡ୍‌ରେ ପ୍ରବାସୀ ଓଡିଆ ମାନେ ଭାଗ ନେଇଥିଲେ। ପ୍ୟାରେଡ୍ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ଭାରତର ବିଶିଷ୍ଟ ପଦାଧିକାରୀ ଓ ଚଳ୍‌ଚିତ୍ର ତାରକାମାନେ ଯୋଗ ଦେଇଥିଲେ । ପ୍ୟାରେଡ୍ ଶେଷରେ ଭାରତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଭାରତୀୟ ନୃତ୍ୟ, ସଂଗୀତ ସାଙ୍ଗକୁ ଭାରତର ବିଭିନ୍ନ ପ୍ରଦେଶର ଭିନ୍ନ ଭିନ୍ନ ଖାଦ୍ୟ ପରିବେଷଣ ହୋଇଥିଲା ସେଠାରେ। ସେଦିନ ନ୍ୟୁୟର୍କରେ ଏକ ଅନୁକୂଳ ପାଗ ଭିତରେ ଏହିଭଳି ଭାବରେ ଅନୁଷ୍ଠିତ ହୋଇଥିଲା ଭାରତର ୫୯ତମ ସ୍ୱାଧୀନତା ଦିବସ।

# ବୁଢିଆରେ ବୁଢିଆ

ଦୌଡି ଦୌଡି ବୁଢିଆ ସିଂ ଏବେ ଜଣାଶୁଣା ହିରୋ ପାଲଟି ଗଲାଣି। ଲିମ୍‌କା ବୁକ୍ ଅଫ୍ ରେକର୍ଡ୍‌ସ ପାଇଁ ଦୌଡିବା ପରେ ଏହି କୁନି ଧାବକ ଖ୍ୟାତି ସାଙ୍ଗକୁ ଆର୍ଥିକ ଭାବରେ ଧନୀ ହୋଇଗଲାଣି। ଦୁବାଇରୁ ଆରମ୍ଭକରି ମୁମ୍ବାଇ ପର୍ଯ୍ୟନ୍ତ ସବୁଠାରେ ତା'ର ପ୍ରଶଂସା ଓ ଖାତିର। କେଉଁଠି ଅତିଥି ହେଲାଣି ତ କେଉଁଠି ସମ୍ବର୍ଦ୍ଧନା। ଏହି ଖ୍ୟାତି ଓ ଧନର ଅର୍ଥକୁ ଠିକ୍ ଭାବେ ବୁଝିବାର ବୟସ ତାର ହୋଇନାହିଁ। ସେ କେବଳ ଦଉଡିବା ଜାଣିଛି। କୋଚ୍ ବିରଞ୍ଚି ନାରାୟଣ ଦାସଙ୍କ ନିର୍ଦ୍ଦେଶହିଁ ତା'ର ସବୁକିଛି। ଦୁବାଇରୁ



ମିଳିଥିବା ୧୯ ଲକ୍ଷଟଙ୍କା ଏବଂ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେସନ୍ ଓ ମୁମ୍ବାଇରୁ ମିଳିଥିବା ଅନ୍ୟ ଦଶ ଲକ୍ଷଟଙ୍କାକୁ ମିଶେଇ ଏବେ ବୁଦ୍ଧିଆ ପାଇଁ ପାଣ୍ଠି ଗଠନ କରାଯାଉଛି। ଯାହା ତା'ର ଭବିଷ୍ୟତ ଗଢିବା ଦିଗରେ ବ୍ୟୟ କରାଯିବ। ତାକୁ ଏବେ କୋଚ୍ ଶ୍ରୀ ଦାସ୍ ଜୁଡୋରେ ଦକ୍ଷ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ବହୁତ ଭଲ କଥା। ନିଜର ଭଲ ମନ୍ଦ କଥା ବୁଝି ପାରୁନଥିବା ପିଲାଟି ହୁଏତ ଆଉ କିଛି ଦିନ ପରେ ନିଜ ମୂଲ୍ୟ ଓ ସ୍ଥିତି ବିଷୟରେ ଅବଗତ ହେବ। ହେଲେ ସେ ପର୍ଯ୍ୟନ୍ତ ତାର ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ତାକୁ ନମ୍ର ସ୍ୱଭାବ ଓ ସତ୍ ଚରିତ୍ରର କରି ଗଢିତୋଳିବା ଉଚିତ। କାରଣ ଅପାର ଖ୍ୟାତି ଓ ଅର୍ଥ କେତେ କେତେ ମହାରଥୀଙ୍କୁ ବିଗାଡି ଦେଇଛି। ବୁଦ୍ଧିଆ ତ ସେ ଅନୁସାରେ ପିଲାଟାଏ। ତାର ବହୁତ ବାଟ ଯିବାର ଅଛି। ତା' ପ୍ରତି ସତର୍କ ଦୃଷ୍ଟି ରହିବା ଦରକାର। ଶୃଙ୍ଖଳା, ପରିଶ୍ରମ ଓ ସଠିକ ଦିଗ୍‌ଦର୍ଶନ ଆବଶ୍ୟକ। ଏହି ଅସାଧାରଣ ପ୍ରତିଭାଧାରୀ ପିଲାଟିକୁ ଜଣେ ଦକ୍ଷ କ୍ରୀଡାବିତ୍ ଓ ସୁନାଗରିକ କରି ଗଢିତୋଳିବା ପାଇଁ। ନଚେତ୍ ବାଟ ହୁଡିଲେ ସବୁ ଓଲଟ ପାଲଟ ହୋଇଯିବ। ସବୁବେଳେ ବର୍ତ୍ତମାନ ଉପରେ ହିଁ ଭବିଷ୍ୟତ ଗଢାଯାଏ। ଏ କଥା ଯେମିତି କେହି ଭୁଲି ନ ଯାଆନ୍ତି। ଟିକିଏ କିଛି ତ୍ରୁଟି ରହିଗଲେ ଦିଅଁ ଗଢୁ ଗଢୁ ମାଙ୍କଡ ହୋଇଯିବ।

**ହିମାଂଶୁ ପତିମିଶ**

# ତୁମେ ଆସନ୍ତ କି?

ତୁମେ ଆସନ୍ତ କି?
ଚୁପି ଚୁପି, ବସନ୍ତର ଖୋଲା ମଳୟରେ
ଟିକିଟିକି ପାଖୁଡା ଦେହରେ

ସାଧବାଣୀ ରୁପ ନେଇ
ମଳୟର ଥିରି ବାସନାରେ
ଜାହ୍ନବୀର ଜୋସ୍ନାର ତଳେ

ତୁମେ ଆସନ୍ତ କି?
ଚୁନା ଚୁନା ମେଘ ତଳେ
ଖଣ୍ଡ ଖଣ୍ଡ ବାଦଲ ଛାଇରେ

ପାଦର ପାଉଁଜି ଧାରେ
ଗୋରା ଦେହ ଅଳତାର ପାଦେ
ମେଂଚା ମେଂଚା ସପନର ରାତିରେ

ଆସନ୍ତ କି ଥରେ ମାତ୍ର
ଜହ୍ନ ଭିଜା ଗୁଣ୍ଠା କୁହୁଡିରେ
ଟିକି ଟିକି ପାହାନ୍ତି ତାରାରେ

କୁନି କୁନି ଦୁଷ୍ଟାମୀର ମନେ
ଚାନ୍ଦଭରା ସିନ୍ଦୁର ସୀନ୍ଥିରେ
ସ୍ୱପ୍ନଭରା ଲାଲ୍ ଚୁନରୀରେ
ଆସନ୍ତ କି ଥରେ ମାତ୍ର
ନଇଁ ନଇଁ ମୋ ଘରକୁ
ପାଟରାଣୀ ଜାହ୍ନବୀ ବେଶରେ

ସ୍ୱାଗତ କରନ୍ତି ନିଶ୍ଚେ
ତୁମେମାନେ ତୁମକୁ ମୁଁ
ସ୍ୱପ୍ନଭରା ନିଦୁଆ ଆଖିରେ।

**କୃପାସିନ୍ଧୁ ପ୍ରଧାନ**
**କହୁଆ, ରାଜନଗର, କେନ୍ଦ୍ରାପଡା**
**୭୫୪୨୨୫**

---

# ଓଡିଆ ସିନେମା ହାଲ୍‌ଚାଲ୍

ରକତେ ଲେଖିଛି ନାଁ। ଏହି ସିନେମାର ଗୀତ ରେକର୍ଡିଂ ପାଇଁ ନିର୍ଦ୍ଦେଶକ ରାଜୁ ମିଶ୍ର ଓ ସଂଗୀତକାର ମନ୍ମଥ ମିଶ୍ର ମୁମ୍ବାଇ ଯାଇଛନ୍ତି। ଗୀତ ଲେଖିଛନ୍ତି ନିଜେ ସଂଗୀତକାର ମନ୍ମଥ ମିଶ୍ର।

ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜନାରେ ଚାଲିଥିବା 'ମନ ମୋ ନେଇଯା ରେ'ର ସୁଟିଂ ୬ ଦିନ ଚାଲିଥିଲା। ନିର୍ଦ୍ଦେଶକ ଥିଲେ ସଂଜୟ୍ ନାୟକ। ଏହି ସିନେମା ଆଉ ହେବାର ନାହିଁ ବୋଲି ସୂଚନା ମିଳିଛି। ନିର୍ଦ୍ଦେଶକ ସଂଜୟ୍ ନାୟକ ଏବେ ମୁମ୍ବାଇରେ। ସଂଗୀତକାର ମଳୟ୍ ମିଶ୍ର ବି



ମୁମ୍ବାଇରେ। ସେଠି ସେମାନେ ଏକ ନୂଆ ସିନେମା ପାଇଁ ଯୋଜନା କରୁଛନ୍ତି।

ସବ୍ୟସାଚୀ ମହାପାତ୍ରଙ୍କ 'ଜୟ୍ ଜଗନ୍ନାଥ' ସଂପର୍କରେ ବିଶେଷ କିଛି ଖବର ନାହିଁ। ଏହା ପୂଜାକୁ ରିଲିଜ୍ ହେବ ବୋଲି ଜଣା ପଡୁଥିଲା। ପନ୍ଦରଟି ଭାଷାରେ ବିଶ୍ୱସ୍ତରୀୟ୍ ରିଲିଜ୍ ହେବ ବୋଲି ସୂଚନା ମିଳିଥିଲା। ସବ୍ୟସାଚୀ ମହାପାତ୍ର ସମ୍ଭବତଃ ସେହି କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି।

ମନମୋହନ ମହାପାତ୍ର ସୁଟିଂରେ ବ୍ୟସ୍ତ ଅଛନ୍ତି। ପୁରୀ ଓ ଏହାର ଆଖପାଖରେ ଅଞ୍ଚଳରେ ସୁଟିଂ ଚାଲିଛି। ଏହା ଏକ ହିନ୍ଦୀ ସିନେମା। ଏଥିରେ ଅଛନ୍ତି ରାହୁଲ୍ ବୋଷ ଓ ଦୀୟା ମିର୍ଜା।

ଅମୀୟ୍ ପଟନାୟକଙ୍କ 'ପରୀମହଲ' ଗଣେଶପୂଜାରେ ରିଲିଜ୍ ହେବାର ଥିଲା। କିନ୍ତୁ କେତେକ ଅନିବାର୍ଯ୍ୟ କାରବ ବଶତଃ ଏହାକୁ ପୂଜା ସମୟରେ ରିଲିଜ୍ କରାଯିବାର ନିଷ୍ପତ୍ତି ନିଆଯାଇଛି।




ବିଜୟ କୁମାରଙ୍କ 'ଏ ମନ ମାନେନା'ର ସତୁରି ଭାଗ ସୁଟିଂ ସରିଛି। ଏହା ଦୂର୍ଗାପୂଜାକୁ ରିଲିଜ୍ କରିପାରେ।

ଗଣେଶପୂଜାରେ କେବଳ ଗୋଟିଏ ଓଡିଆ ଚଳଚିତ୍ର ମୁକ୍ତିଲାଭ କଲା, ତାହା ହେଉଛି, 'ଭାଗ୍ୟଚକ୍ର'।

ବିଶୋଇ ପ୍ରଡକ୍ସନ୍ ମୁମ୍ବାଇର ରାହୁଲ୍ ଦେବଙ୍କୁ ହିରୋ କରି 'ସେଇ ଭୁଲ ପାଇଁ' ସିନେମା ନିର୍ମାଣ କରିବେ ବୋଲି ଘୋଷଣା କରିଥିଲେ। ଆଜିକାଲି ଏହି ସିନେମାର କୌଣସି ଖବର ମିଳୁନାହିଁ।



# ପ୍ରେମ ପାରିଜାତ ଫୁଲ, ମନ ନନ୍ଦନ କାନନ

ଓଡିଆ ସିନେଧାରାରେ ଯେଉଁସବୁ ସିନେମା ଏହି ବର୍ଷ ରିଲିଜ୍ ହେବାକୁ ଅଛି ସେ ସବୁର ସୂତ୍ର ଗୋଟିଏ ସୁତାରେ ଛନ୍ଦା। ତାହା ହେଉଛି ପ୍ରେମ। ଏଥିରୁ କେବଳ ଗୋଟିଏ ସିନେମା ମନର ଗହନ ତତ୍ତ୍ୱକୁ ଉନ୍ମୋଚିତ କରେ, ମନ ନନ୍ଦନକାନନର ଫୁଲ ବଗିଚାରେ ଛାଡି ଅଡୁଆ ହୋଇଯାଏ। ପ୍ରେମ ଓ ମନକୁ ଆଧାର କରି ଆସୁଛି ପାଞ୍ଚଟି ଓଡିଆ ସିନେମା। ଏହି ସିନେମା ସବୁର ଆଧାର ଓ ପରିଚର୍ଯ୍ୟାକୁ ନେଇ ଏକ ଆଲେଖ୍ୟ

ଯେଉଁ ସବୁ ସିନେମା ଗଣେଶ ପୂଜା ଓ ଦୂର୍ଗା ପୂଜାରେ ଆସିବ ଆସିବ ହେଉଛି ଆଗ ତାହାର ତାଲିକା କରାଯାଉ। ସୀମାଞ୍ଚଳ ମୁଭିଜ୍‌ର 'ଭାଗ୍ୟଚକ୍ର', ପଞ୍ଚମୁଖୀ କ୍ରିଏଟିଭର 'ଆଇ ଲଭ ମାଇଁ ଇଣ୍ଡିଆ', ପୁଚି ପ୍ରଡକ୍ସନ୍‌ସର 'ପୂଜା ପାଇଁ ଫୁଲଟିଏ', ଶିବାନୀ ପିକ୍‌ଚର୍ସର 'ଏ ମନ ମାନେନା' ଓ ଅମୀୟ ପଟନାୟକଙ୍କ 'ପରୀ ମହଲ'। ଏମିତି ପାଞ୍ଚଟି ସିନେମା। ତା' ସହ ଯଦି ମହାପାତ୍ର ମୁଭି ମ୍ୟାଜିକ୍‌ର 'ଜୟ ଜଗନ୍ନାଥ'




ସାମିଲ୍ ହୁଏ ସିନେମା ସଂଖ୍ୟା ହେବ ଛଅ। ମହାପାତ୍ର ମୁଭି ମ୍ୟାଜିକ୍‌ର ସିନେମା 'ଜୟ ଜଗନ୍ନାଥ'କୁ ତାଲିକାରୁ ଅଲଗା ରଖାଯାଉ। ଯେହେତୁ ଏହା ପୂଜାରେ ରିଲିଜ୍ ହେବକି ନାହିଁ ସେ ସଂପର୍କରେ କୌଣସି ସଠିକ୍ ତଥ୍ୟ ନାହିଁ। ଏବେ ଆସନ୍ତୁ ଯିବା ଗଣେଶ ପୂଜା ଓ ଏହାର ଆଖପାଖରେ ରିଲିଜ୍ ହେଉଥିବା ସିନେମା ସବୁକୁ। ସବୁଠୁ ଆଗରେ ରହିଛି 'ଭାଗ୍ୟଚକ୍ର'। ଏହି ସିନେମାର କାହାଣୀରେ ପ୍ରେମ ଗୁଡେଇ ତୁଡେଇ ହୋଇ ରହିଛି। ଦୁଇଟି ପରିବାର ମଧ୍ୟରେ ଶତ୍ରୁତା ଆଉ ସେହି ଦୁଇ ପରିବାରର ପୁଅଝିଅଙ୍କ ମଧ୍ୟରେ ଗଢିଉଠିଥିବା ପ୍ରେମ 'ଭାଗ୍ୟଚକ୍ର'ର କାହାଣୀ। ପ୍ରେମକୁ ଆଧାର କରିଛନ୍ତି ଆଉ କିଛି ସିନେମା ଯେମିତି ଆଇ ଲଭ ମାଇ ଇଣ୍ଡିଆ, ଏ ମନ ମାନେନା, ପରୀ ମହଲ। ଅମୀୟ ପଟନାୟକଙ୍କ ପରୀ ମହଲ ଏକ ତ୍ରିକୋଣୀୟ ପ୍ରେମ କାହାଣୀ। ଏହା ପୂଜାକୁ ରିଲିଜ୍ ହେବ। ସେମିତି ଆଇ ଲଭ ମାଇ ଇଣ୍ଡିଆରେ ଯଦ୍ୟପି ସନ୍ତ୍ରାସବାଦ ବିରୁଦ୍ଧରେ ସଂଗ୍ରାମର କାହାଣୀ ରହିଛି, ଏଇଠି ବି ଆକର୍ଷଣ ହେଉଛି ନାୟକ ବୁଦ୍ଧାଦିତ୍ୟ ଓ ନାୟିକା ନମ୍ରତାଙ୍କ ପ୍ରେମ। ଏମାନେ ପରସ୍ପରକୁ ଆଇ ଲଭ ୟୁ କହନ୍ତି। ଇଣ୍ଡିଆକୁ ବି ଆଇ ଲଭ ମାଇ ଇଣ୍ଡିଆ



କହନ୍ତି । ଭାଗ୍ୟଚକ୍ର, ପରୀ ମହଲ, ଓ ଆଇ ଲଭ ମାଇ ଇଣ୍ଡିଆର ସବୁ କାମ ସରିଛି । ରିଲିଜ୍ ହେବା ସୁନିଶ୍ଚିତ । ଏ ମନ ମାନେନାର ସୁଟିଂ ଚାଲିଛି । ଇନ୍‌ଡୋର ସୁଟିଂ ସରିଛି, ଆଉଟଡୋର ବାକି ଅଛି । ନାୟକ ଅରିନ୍ଦମ ଭଲ ପାଆନ୍ତି ନାୟିକା ବର୍ଷାଙ୍କୁ । ବର୍ଷା ତାହା ଜାଣନ୍ତି ନାହିଁ । ଆଉ ଏକ ନାୟିକା କାଜଲ ଭଲ ପାଆନ୍ତି ଅରିନ୍ଦମ କୁ । ଅରିନ୍ଦମ ତାହା ଜାଣନ୍ତି ନାହିଁ । ଶେଷରେ କାଜଲ୍ ସହାୟତାରେ ଅରିନ୍ଦମ ବର୍ଷାଙ୍କୁ ବାହା ହୁଅନ୍ତି । ଏହା କାହାଣୀ ଏ ମନ ମାନେନାର । ଏଠି ବି ଭର୍ତ୍ତି ହୋଇ ରହିଛି ପ୍ରେମ । ଏ ମନ ମାନେନା ପୂଜାରେ ରିଲିଜ୍ ହେବାର ସମ୍ଭାବନା ରହିଛି ।

ପ୍ରେମର ଛିଟା ଆଉ ଏକ ସିନେମା 'ପୂଜା ପାଇଁ ଫୁଲଟିଏ'ରେ ମଧ୍ୟ ରହିଛି । କିନ୍ତୁ ଏଠି ପ୍ରେମର ପରିଭାଷା ଭିନ୍ନ । ଦୁଇଜଣ କିଶୋରୀ ପରସ୍ପରକୁ ଖୁବ୍ ଭଲ ପାଆନ୍ତି । ସେମାନଙ୍କ ଆବେଗ, ସ୍ନେହ, ପ୍ରେମ, ବିରହର ଛବି ଆଙ୍କେ ପୂଜାପାଇଁ




ଆହ୍ୱାନ୍




ଫୁଲଟିଏ । ଜଣେ କିଶୋରୀର ବୟସ ଆଠ, ତ ଆଉ ଜଣେ କିଶୋରୀର ବୟସ ତେର । ସେମାନଙ୍କ ମନ ଦିଆନିଆର ଖେଳକୁ ନେଇ ତିଆରି ଏହି କାହାଣୀ ।

ପାଞ୍ଚଟି ସିନେମାର ରିଲିଜ୍‌ରେ ଓଡିଆ ସିନେ ବଜାର ପୁଣିଥରେ ଗହଳ ଚହଳ ହେବାର ବେଳ ଆସୁଛି । ଭାଗ୍ୟଚକ୍ର ଗଣେଶ ପୂଜାରେ ରିଲିଜ୍ ହୋଇସାରିଛି ଆଉ ଅପେକ୍ଷା ରହିଛି ଅନ୍ୟ ଚାରୋଟି ସିନେମାର । ଏଥର ପୂଜାରେ ଓଡିଆ ସିନେମା ଜଗତରେ ଖୁବ୍ ଧମାଧୋଟ ହେବାର ସମ୍ଭାବନା ରହିଛି । ସେ ଯା'ହେଉ ଦର୍ଶକ ମାନଙ୍କୁ ମିଳିବ ନିଜ ମନ ପସନ୍ଦର କାହାଣୀ ବାଛି ଦେଖିବାର ସୁଯୋଗ ।

## ଆମ ଠିକଣା:


ଡା ଜ୍ୟୋତି ପ୍ରସାଦ ପଟନାୟକ
ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର-୭୬୦୦୧୦, ଓଡିଶା,
ଫୋନ: ୯୨୩୮୬୮୫୬୯୮
ଇ-ମେଲ୍: dr.odia@gmail.com


## ବିଶେଷ ସୂଚନା

ଆମର ଏହି ପ୍ରୟାସକୁ ଆପଣ ମାନଙ୍କ ପାଖରେ ପହଞ୍ଚାଇବାପାଇଁ ଆମେ ଆହ୍ୱାନ କରୁଛୁ ଆପଣଙ୍କ ସହଯୋଗ । ଆମେ ନୂଆ ୱେବ୍ ସାଇଟ୍ ଖୁବ ଶୀଘ୍ର ଆଣିବୁ ସତ ହେଲେ ବର୍ତ୍ତମାନ ଆପଣ ମାନଙ୍କୁ ଅନୁରୋଧ କରୁଛି ଆପଣ ମାନେ ଆମର ନୂଆ ଗ୍ରୁପ୍‌ରେ ସାମିଲ୍ ହୁଅନ୍ତୁ । ନିଜ କଂପ୍ୟୁଟର୍‌ରେ ଇଣ୍ଟର୍‌ନେଟ୍ ସଂଯୋଗ କରିବା ପରେ ଆମ ଗ୍ରୁପ୍‌ର ୱେବ୍ ଆଡ୍ରେସ୍ ଦିଅନ୍ତୁ, ଏବଂ ଆଜି ହିଁ ଏଥିରେ ସଦସ୍ୟ ହୁଅନ୍ତୁ । ଏହାଦ୍ୱାରା ଆମେ ଜାଣି ପାରିବୁ, ଆହ୍ୱାନ କେତେଜଣଙ୍କ ପାଖରେ ପହଞ୍ଚୁଛି । ଆଉ ଆପଣ ମାନେ ମଧ୍ୟ ସମୟ୍ ସମୟ୍‌ରେ ହେଉଥିବା ଘୋଷଣା ଓ ବିଜ୍ଞାପନ ସବୁ ସହଜରେ ପାଇପାରିବେ । ଏବଂ ଏହାଦ୍ୱାରା ଅଯଥା ଇ-ମେଲ୍ ସବୁ ଆପଣଙ୍କ ମେଲବକ୍ସରେ ପହଞ୍ଚିବନାହିଁ । ଏହି ଗ୍ରୁପ୍ ସଂପ୍ରତି କେବଳ ସମସ୍ତ ସଦସ୍ୟଙ୍କୁ ବିଭିନ୍ନ ପ୍ରକାରର ବିଜ୍ଞାପନ ଯଥା ଆହ୍ୱାନର ଆଗାମୀ ସଂସ୍କରଣ ପାଇଁ ଲେଖା ଆହ୍ୱାନ କରିବା, ଏହି ଇ-ପତ୍ରିକାର ଉନ୍ନତି ପାଇଁ ଆପଣଙ୍କ ସୂଚିନ୍ତିତ ମତାମତ ନେବା ଇତ୍ୟାଦି ପାଇଁ ବ୍ୟବହାର କରାଯିବ । ଏଥିରେ କେହି ସଦସ୍ୟ କୋଣସି ପ୍ରକାରର ଅଯଥା ସମ୍ବାଦ କିମ୍ବା ବିଜ୍ଞାପନ ଦେଇପାରିବେ ନାହିଁ । ସେଇଥିପାଇଁ ଆପଣ ନିର୍ଭୟ୍‌ରେ ନିଜ ନିଜ ଇ-ମେଲ ଆଇ ଡି ଦେଇ ସଦସ୍ୟ ହୋଇପାରନ୍ତି । ଯଦି ଭବିଷ୍ୟତରେ ସମ୍ଭବ ହୁଏ ତେବେ ପ୍ରତ୍ୟେକ ସଦସ୍ୟଙ୍କୁ ଗୁଗ୍‌ଲ୍ ମେଲ୍‌ର ଇ-ମେଲ୍ ସଦସ୍ୟତା ମାଗଣାରେ ଉପହାର ସ୍ୱରୂପ ଦିଆଯାଇପାରେ ।

## ବିଶେଷ ସୂଚନା

ଆମ ଏହି ପତ୍ରିକାରେ ପ୍ରକାଶ ପାଉଥିବା ଅନେକ ଗଳ୍ପ ଓ କାହାଣୀ ଆପଣମାନଙ୍କୁ ନିଶ୍ଚୟ୍ ଭାବରେ ଭଲ ଲାଗିଥିବ । ଯଦି ଆପଣଙ୍କୁ କୋଣସି କୃତି ଭଲ ଲାଗେ ତା'ହେଲେ ସଂପୃକ୍ତ କୃତିର କର୍ତାଙ୍କୁ ନିଜ ତରଫରୁ ଧନ୍ୟବାଦ ବାର୍ତ୍ତା ଏବଂ ଅଭିନନ୍ଦନ ପଠାନ୍ତୁ । ଯଦି ଆପଣ ଚାହୁଁଛନ୍ତି, ତେବେ ଆମେ ଆପଣଙ୍କ ପତ୍ର ସେହି ଲେଖକ କିମ୍ବା ଲେଖିକାଙ୍କ ପାଖକୁ ପଠାଇଦେବୁ । ଆପଣ ନିଜର ସୁଚିନ୍ତିତ ମତାମତ ଆମକୁ ଇ-ମେଲ ମାଧ୍ୟମରେ କିମ୍ବା ପତ୍ରଦ୍ୱାରା ପ୍ରେରଣ କରିପାରିବେ ।

Our Group Address:
http://groups.google.com/group/aahwaan
Our Website:
http://www.freewebs.com/aahwaan
Earn while you learn:
http://www.freewebs.com/ebizel
Cheapest Web Designs and Hosting:
http://www.freewebs.com/bamcom